**ମେଷ** ଆଜି ଦିନଟି ଯାତ୍ରା, ବ୍ୟବସାୟ, ପରିବହନ, ସାଂଗଠନିକ ଆଲୋଚନା ପାଇଁ ବହୁତ ଭଲ। କର୍ମକ୍ଷେତ୍ରରେ କେତେକ ବ୍ୟତିକ୍ରମ ଲାଗି ରହିବା କାରଣରୁ ଟେନ୍ସନ ପିଛା ଛାଡ଼ିବ ନାହିଁ। ପରିବାରର ଆବଶ୍ୟକତାଜନିତ ଖର୍ଚ୍ଚ ବୃଦ୍ଧି ପାଇବ। କ୍ରୀଡ଼ା, ସାହିତ୍ୟ କ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ ଏବଂ ପ୍ରଶଂସିତ ମଧ୍ୟ ହେବେ।

**ବୃଷ** ଆଜି ଯେଉଁ କାମରେ ହାତ ଦେବେ ସବୁ କିଛି ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ସାମୂହିକ କାମରେ ବନ୍ଧୁଙ୍କ ସହଯୋଗ ଆପଣଙ୍କୁ ଭାବ ବିଭୋର କରାଇବ। ପିଲାଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ହେବେ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ମନୋରଞ୍ଜନ କାର୍ଯ୍ୟରେ ଅଂଶ ଗ୍ରହଣ କରି ପ୍ରଶଂସିତ ହେବେ।

**ମିଥୁନ** ପ୍ରାପ୍ୟ ଅର୍ଥ ସକାଶେ ଆପଣଙ୍କୁ ଆଜି ବହୁତ ଯୁକ୍ତିତର୍କ କରିବାକୁ ପଡ଼ିପାରେ। ପରିବାରରେ ମନୋମାଳିନ୍ୟ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ମିଳିବାର ଆଶା ରହିଛି। ଅକସ୍ମାତ୍ କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା ଖୁସି ଖବର ମିଳିବ। ପଡ଼ୋଶୀଙ୍କ ସହ ଦୀର୍ଘ ଦିନର ଶତ୍ରୁତା ବିବାଦର କାରଣ ହୋଇପାରେ।

**କର୍କଟ** ଅତ୍ୟଧିକ କର୍ମଜଞ୍ଜାଳ ମଧ୍ୟରେ ମାନସିକ ଚାପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଦିନ ମଧ୍ୟରେ ଉଗ୍ରତା ଓ କେତେବେଳେ ପୁଣି ପ୍ରଶାନ୍ତି ସମୟାନୁକ୍ରମେ ପରିସ୍ଥିତି ଅନୁଯାୟୀ ଅନୁଭୂତ ହେବ। ଆନୁଷ୍ଠାନିକ କାମରେ ନିଜ ମୁଣ୍ଡ ଉପରକୁ ଦାୟିତ୍ୱ ନେଇ ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଦୂରଯାତ୍ରାରେ ଫେରିବା ବାଟରୁ ମୂଲ୍ୟବାନ ଦ୍ରବ୍ୟ ଆଣିପାରନ୍ତି।

**ସିଂହ** ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ମନ ମାନ୍ଦା ରହିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ ମନ ବଦଳିଯିବ। ଦିନଚର୍ଯ୍ୟାରେ ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଟି ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନେ ଅସହଯୋଗ ମନୋଭାବ ପୋଷଣ କରିବେ।

**କନ୍ୟା** ପରିସ୍ଥିତିର ଫାଇଦା ଉଠାଇବାକୁ ଯାଇ ବନ୍ଧୁଙ୍କ ଆଲୋଚନାରେ ସମର୍ଥନ ଦେଇପାରନ୍ତି। ନୂତନ ଗାଡ଼ି କ୍ରୟରେ ବିଳମ୍ବଜନିତ ଅସୁବିଧା ଅନୁଭବ କରିବେ। ଅପେକ୍ଷା କରିବାକୁ କହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ସେବା ମନୋଭାବରୁ ସାମାଜିକ କ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ତୁଳା** ଆଜି ଆର୍ଥିକ, ପାରିବାରିକ ଏବଂ ଜମିଜମା ସମ୍ବନ୍ଧୀୟ କାମରେ ସଫଳତା ପାଇବେ। ବନ୍ଧୁଙ୍କ ସମ୍ମୁଖରେ ଅସୁବିଧାକୁ ପ୍ରକାଶ ନ କରି କେବଳ ମାନସିକ କଷ୍ଟ ପାଇପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ି ବଢ଼ି ଯିବ କିନ୍ତୁ ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କର୍ମ ମୁଖର ହେବେ। ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗକୁ କାର୍ଯ୍ୟହାନି ଦୁଶ୍ଚିନ୍ତାର କାରଣ ହେବ।

**ବିଛା** ବନ୍ଧୁ ସମ୍ମୁଖରେ ମନର ଭାବକୁ ପରିପ୍ରକାଶ କରିବାରେ ପଛେଇଯିବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ ନିଜେ ହିଁ କ୍ଷତିରେ ପଡ଼ିବେ। ବ୍ୟବସାୟ ଓ ବାଣିଜ୍ୟରେ ଆୟ ବହୁମୁଖୀ ହେବ କିନ୍ତୁ ଖର୍ଚ୍ଚ ମଧ୍ୟ କିଛି କମିବାର ନାହିଁ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବା ସହ ବୌଦ୍ଧିକ ବିକାଶରୁ ବୁଦ୍ଧିଜୀବୀଙ୍କ ପ୍ରଶଂସା ଭାଜନ ହେବେ ।

**ଧନୁ** ଅତୀତ କଥାକୁ ବାରମ୍ବାର ମନେ ପକାଇଲେ ଅସ୍ଥିରତା ଭିତରେ ସମୟ କଟିବ। ଅସଂଯମ ଜୀବନଚର୍ଯ୍ୟାରୁ ଅନ୍ୟମନସ୍କ କିମ୍ବା ଅସାବଧାନତାଜନିତ ସମସ୍ୟାଗ୍ରସ୍ତ ହୋଇପାରନ୍ତି। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ ଜୀବନ କେତେକାଂଶରେ ଭଲ ରହିବାରୁ ଆଶ୍ୱସ୍ତି ଲାଭ କରିବେ।

**ମକର** ସଫଳତା ଓ ବିଫଳତାର ଦୋଛକିରେ ରହି ମାନସିକ ଚାପଗ୍ରସ୍ତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ସାମ୍ନା କରି ଆଶା ପୂରଣରେ ସଫଳ ହେବେ। ସତ୍‌ସଙ୍ଗ, ପ୍ରବଚନ, ପ୍ରତିଯୋଗିତାରେ ସଫଳତା ପାଇପାରନ୍ତି। ଆଜିର ଯାତ୍ରାରେ ନିକଟ ସମ୍ପର୍କୀୟ କିମ୍ବା ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ।

**କୁମ୍ଭ** ପରିବାରର କେତେକ ଅସଜଡ଼ା କାମକୁ ନେଇ ବ୍ୟସ୍ତତା କାରଣରୁ ମାନସିକ ଶାନ୍ତି ହରାଇପାରନ୍ତି। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତି ସତର୍କ ରହିବା ଭଲ ହେବ। ସରକାରୀ ସ୍ତରରେ କୌଣସି ସୁବିଧା ସୁଯୋଗକୁ ନେଇ ପଡ଼ୋଶୀଙ୍କଠାରୁ ଖବର ପାଇ ଖୁସି ହେବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ** ପରିବାର ଓ କର୍ମକ୍ଷେତ୍ରକୁ ସଜାଡ଼ିବାରେ ସମର୍ଥ ହେବେ ଏବଂ ଅଭିଳଷିତ କର୍ମ ସମ୍ପାଦନ ହେବ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ବାହାରକୁ ଯିବାକୁ ପଡ଼ିପାରେ। ସମାଲୋଚନା, ବିତର୍କ, ପ୍ରଶାସନ, ରାଜନୀତି, ସଂଗଠନ କ୍ଷେତ୍ରରୁ ସୁଫଳ ମିଳିବ। ପରିସ୍ଥିତି ପ୍ରତି ସଚେତନ ନ ହୋଇ କାମ କଲେ ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି।

ଆଜି ମେ ୭ ତାରିଖ, ବୈଶାଖ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ବୁଧବାର। ରାଶିନକ୍ଷତ୍ର– ପୂର୍ବାଫାଲଗୁନୀ/ସିଂହ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ବିଦ୍ୟାରମ୍ଭ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ। ଦିବା ଘ.୦୫.୧୮ମି. ଗତେ ଘ.୦୭.୦୦ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୧୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୧.୪୩ମି. ଗତେ ଘ.୦୧.୧୯ମି. ମଧ୍ୟେ ରାହୁ କାଳ।

# ଗଳିପୋଲ ଦାବି ପୂରଣ ହେଉନି

**ରସୁଲପୁର,୬।୫(ରଞ୍ଜିତ ରାଉତ):**

- ପୁଣି ଏମ୍‌ପିଙ୍କୁ ସମସ୍ୟା ଜଣାଇଲେ ଜନସାଧାରଣ
- ଏବେ ସମସ୍ୟା ସମାଧାନକୁ ଅପେକ୍ଷା

ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥରେ ଏକ ଗଳିପୋଲ ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବାରମ୍ବାର ଦାବି କରିଆସୁଛନ୍ତି। ୩/୪ବର୍ଷ ମଧ୍ୟରେ ଲୋକେ ବିଧାୟକ, ଏମ୍‌ପି ଓ ରାଜପଥ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇନାହାନ୍ତି। ଏବେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର କାର୍ଯ୍ୟ କରୁଥିବାରୁ ଦୀର୍ଘଦିନର ସମସ୍ୟା ସମାଧାନ ହୋଇପାରିବ ବୋଲି ଜନସାଧାରଣ ଆଶାବାଦୀ ଅଛନ୍ତି। ଜାତୀୟ ରାଜପଥ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଥିବାରୁ ଏହି ସମସ୍ୟା କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଲୋକେ ପୁଣି ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ଭରଷା କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଳିପୋଲ ନିର୍ମାଣ ପାଇଁ ଅନ୍ୟୁନ ୧୦ ପଞ୍ଚାୟତର ଜନସାଧାରଣ ତାଙ୍କ ନିକଟରେ ଦାବି କରିଛନ୍ତି। ଏହାକୁ ଏମ୍‌ପି ବେହେରା ଜାତୀୟ ରାଜପଥ କର୍ତ୍ତୃପକ୍ଷ, ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସୁପାରିସ କରିଛନ୍ତି। ଏଥିସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଫଳରେ ଏଥର ଦାବିପୂରଣ ହେବ ବୋଲି ଜନସାଧାରଣ ଆଶା ପ୍ରକଟ କରିଛନ୍ତି।

ସୂଚନା ଅନୁଯାୟୀ, ଜାତୀୟ ରାଜପଥକୁ ୬ଥାକିଆ କରିବାକୁ ରସୁଲପୁର ଓ ଓରାଳି ଗାଁକୁ ଦୁଇଭାଗରେ ବିଭକ୍ତ କରାଯାଇଛି। ରସୁଲପୁର ବ୍ଲକ ଉପରେ ନିର୍ଭର କରୁଥିବା ୨୮ ପଞ୍ଚାୟତରୁ ଅନ୍ୟୁନ ୧୦ ପଞ୍ଚାୟତର ଜନସାଧାରଣ ଗଳିପୋଲ ବିନା ବ୍ଲକକୁ ଯାଆସ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଳିପୋଲ ନିର୍ମାଣ କରିବାକୁ ଦାବି କରି ଆସୁଛନ୍ତି। ଲୋକଙ୍କ ଦାବିରୁ ଜଣାଯାଏ ଯେ, ରାଜପଥର ଉଭୟ ପାର୍ଶ୍ୱରେ ବିଦ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ, କୃଷିକ୍ଷେତ, ବାସଗୃହ, ସ୍ଥାବର ସମ୍ପତ୍ତିମାନ ରହିଛି। ମାତ୍ର ଗଳି ପୋଲ ନ ଥିବାରୁ ରାଜପଥ ଅତିକ୍ରମ କରି ଉଭୟ ପାର୍ଶ୍ୱକୁ ଯାତାୟାତ କରିବାରେ ବହୁ ଅସୁବିଧା ହେଉଛି। ୫୦୦ମିଟର ଦୂରରେ ଅବସ୍ଥିତ କୁଆଖିଆ ବାଜାରକୁ ଯିବାଆସିବା ପାଇଁ ଲୋକଙ୍କୁ ରାଜପଥର ଭୁଲ ରାସ୍ତାକୁ ବ୍ୟବହାର କରିବାକୁ ପଡୁଛି। ଫଳରେ ନାନା ଦୁର୍ଘଟଣା ଘଟି ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି।



ଗଳିପୋଲ ନିର୍ମାଣ ପାଇଁ ଦାବି କରାଯାଉଥିବା ସ୍ଥାନ।

ଦେଢ ବର୍ଷ ତଳେ ରାଜପଥ ପୋଲ ଭୁଶୁଡ଼ି ପଡ଼ିବାବେଳେ ବିଜେଡି ପକ୍ଷରୁ ଜନପ୍ରତିନିଧି ଘଟଣାସ୍ଥଳରେ ଧାରଣାରେ ବସିଥିଲେ ଏବଂ ଗଳି ପୋଲ ନିର୍ମାଣ ପାଇଁ ଦାବି ହୋଇଥିଲା। ସେତେବେଳେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଳି ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ଏସବୁ ପରେ ବି ସମସ୍ୟା ସମାଧାନ ହୋଇପାରିଲା ନାହିଁ। ଦୀର୍ଘଦିନ ଅପେକ୍ଷା ପରେ ବ୍ଲକ ସମ୍ମୁଖରେ ଭୁଶୁଡ଼ି ପଡ଼ିଥିବା ପୋଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ସମୟରେ ଉକ୍ତ ପୋଲକୁ ଲଗାଇ ଗଳିପୋଲ ନିର୍ମାଣ କରାଯିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ରାଜପଥ କର୍ତ୍ତୃପକ୍ଷ ଏ ଦିଗରେ ଗୁରୁତ୍ୱ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଗଳିପୋଲି ହେଲେ ବିଦ୍ୟାର୍ଥୀ, ଚାଷୀ, ବ୍ୟବସାୟୀ, ବିଭିନ୍ନ ପଞ୍ଚାୟତର ଜନସାଧାରଣ ନିରାପଦରେ ଯାତାୟାତ କରିପାରିବେ ବୋଲି କୁହାଯାଉଛି। ଏବେ ଦେଖିବାକୁ ଅପେକ୍ଷା ଏ ଦିଗରେ କି ପଦକ୍ଷେପ ନିଆଯାଉଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନୁଶ୍ରୀ



@ ସତ୍ୟଭୂଷଣ



@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କ୍ରସର କର୍ମଚାରୀଙ୍କୁ ହତ୍ୟା ଘଟଣାରେ ଜଣେ ଗିରଫ



ସତ୍ୟରଞ୍ଜନ ବଳ

**ଧର୍ମଶାଳା/କାଏମା,୬।୫ (ବଟକୃଷ୍ଣ ପରିଡ଼ା/ଶିବ ପ୍ରସାଦ ମହାନ୍ତି):**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁର ପଦ୍ମାବତୀ କ୍ରସର କର୍ମଚାରୀ ଅର୍ଜିତ ଜେନା(୨୨)ଙ୍କୁ ହତ୍ୟା ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ତାଙ୍କ ନିକଟରୁ ୬ ଖଣ୍ଡ ପ୍ଲାଷ୍ଟିକ୍ ପାଇପ୍ , ୩ ମୋବାଇଲ ଫୋନ୍ ଓ ୨ ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସତ୍ୟରଞ୍ଜନ ବଳ(୨୪)। ତାଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅରଜିତ୍ ସମ୍ପୃକ୍ତ କ୍ରଶରରେ ସୁପରଭାଇଜର୍ ଭାବେ ୩ମାସ ହେଲା କାମ କରୁଥିଲେ। କ୍ରଶର ମାଲିକ ଓ ତାଙ୍କ ସହ ଯୋଗୀମାନେ ଗତ ୨୬ ତାରିଖରେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୧ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରାଯାଇଥିଲା। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କ ମଧ୍ୟରୁ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା।

## ମୃତକଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ଘଟଣାରେ ୨ ଗିରଫ

**ଧର୍ମଶାଳା/ଜେନାପୁର,୬।୫(ବଟକୃଷ୍ଣ ପରିଡ଼ା/ଅଶୋକ ଦାସ):**

ଜେନାପୁର ଥାନା ଅନ୍ତର୍ଗତ ରାହାଡ଼ପୁର ପଦ୍ମାବତୀ କ୍ରଶରର ମୃତ କର୍ମଚାରୀ ଅରଜିତ ଜେନାଙ୍କ ସମ୍ପର୍କୀୟଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ପୋଲିସ ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସେମାନେ ହେଲେ ଉକ୍ତ ଥାନା ଅଧୀନ ତୁରଙ୍ଗ ଗ୍ରାମର ଚିତ୍ତରଞ୍ଜନ ଜେନା ଓ ପ୍ରଭାତ ରାଉତ।

ଅର୍ଜିତଙ୍କ ସମ୍ପର୍କୀୟ ଭାଇ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅନ୍ତର୍ଗତ ଚଣ୍ଡିଆ ଗ୍ରାମର ସୁଜିତ୍ ଜେନାଙ୍କୁ ସୋମବାର ସନ୍ଧ୍ୟାରେ ରାହାଡ଼ପୁରଠାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଫଳରେ ସୁଜିତ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ନଂ.୧୬୪/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ବୋଲି ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ହତ୍ୟା ଘଟଣାରେ ସ୍ୱାମୀ ଗିରଫ

**ଯାଜପୁରରୋଡ୍,୬।୫ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ଚୋରଦା ଡିଗିସାହିରେ ସ୍ୱାମୀଙ୍କ ଆକ୍ରମଣରେ ସ୍ତ୍ରୀଙ୍କ ମୃତ୍ୟୁ ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଆଦିକନ୍ଦ ମଲିକ(୫୦)। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଲୁହା ପେଚକେଶକୁ ପୋଲିସ ଜବତ କରିଛି। ସୂଚନା ଅନୁସାରେ, ସ୍ତ୍ରୀ ପଦ୍ମିନୀ ମଲିକଙ୍କୁ ସ୍ୱାମୀ ଆଦିକନ୍ଦ ପିଟି ମାରିଦେଇଥିବା ପଦ୍ମିନୀଙ୍କ ମା' ରୁକ୍ମିଣୀ ମଲିକ ଗତ ମାସ ୨୮ ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ, ଘଟଣା ଦିନ ପୂର୍ବାହ୍ଣ ୧୦ଟାରେ ଆଦିକନ୍ଦ ଓ ପଦ୍ମିନୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ଆଦିକନ୍ଦ ରାଗିଯାଇ ପେଚକେଶ ଦ୍ୱାରା ପଦ୍ମିନୀଙ୍କ ବାମପଟ ଛାତିକୁ ଭୁସି ଜୋରରେ ଧକ୍କା ଦେଇଥିଲେ। ପଦ୍ମିନୀ କାନ୍ଥରେ ବାଡ଼େଇ ହୋଇ ତଳେ ପଡ଼ି ବେହୋଶ ହୋଇଯାଇଥିଲେ। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରୁକ୍ମିଣୀଙ୍କ ଅଭିଯୋଗ ଅନୁସାରେ ପୋଲିସ ନଂ.୨୬୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ଚଣ୍ଡିଖୋଲ,୬।୫(ପ୍ରଦୀପ୍ତ ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଦେବପ୍ରସାଦ ମହାପାତ୍ରଙ୍କ ଦୁଇ ବଖରା ଘର ପୋଡ଼ି ପାଉଁଶ ହୋଇଯାଇଛି। କୌଣସି କାରଣରୁ ବିଦ୍ୟୁତ୍ ସର୍ଭିସ ତାରରେ ନିଆଁ ଲାଗିଥିଲା। ପରେ ଏହି ନିଆଁ ଘରର ଚାଳରେ ଲାଗି ଯାଇଥିଲା। ଗାଁ ଲୋକେ ନିଆଁକୁ ଆୟତ କରିଥିଲେ। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇ ଯାଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ବନ୍ତଳା ସମିତିସଭ୍ୟ ସୌମ୍ୟରଞ୍ଜନ ବିଶ୍ୱାଳ ଦାବି କରିଛନ୍ତି। ବଡ଼ଚଣା ବିଧାୟକ ଅମର ନାୟକ ବିପନ୍ନଙ୍କୁ ଭେଟି ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ପରଲୋକ



**ବରୀ,୬।୫ (ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ୍ ଅଧୀନ ଅଣିକଣା-ବେଞ୍ଚାରପୁର ମନ୍ଦାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାବକ ମହାପାତ୍ରଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ (୫୬)ବର୍ଷ ବୟସ ହୋଇଥିଲା। ସୋମବାର ରାତିରେ ସେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ବଡ଼ଚଣା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବରୀ ବ୍ଲକ୍ ଅଧୀନ ୨୨ନଂ. ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ପ୍ରଧାନଶିକ୍ଷକ ନିର୍ମଳ ଜେନା, ଭାଗ୍ୟଧର ସାହୁ, ଦେବେନ୍ଦ୍ର ଦାସ, ନିକୁଞ୍ଜ ସାମଲ ଓ ପ୍ରଦୀପ୍ତ ସାମଲଙ୍କ ସମେତ ଯାଜପୁର, କେନ୍ଦ୍ରାପଡ଼ା ଏବଂ କଟକ ଜିଲା ଶିକ୍ଷକ ସଂଘର କର୍ମକର୍ତ୍ତା ତାଙ୍କ ବଡ଼ଚଣା ଅଞ୍ଚଳ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ତାଙ୍କ ଅକାଳ ବିୟୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ବରୀ ବିଧାୟିକା ସୁନନ୍ଦା ଦାସ, ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ ଗେଡ଼ି, ଦିଲୀପ ମହାନ୍ତି, ସରପଞ୍ଚ ଧୀରେନ୍ଦ୍ର ନାଥ ଜେନା ଓ ସରପଞ୍ଚ ଚପଳା ମଲ୍ଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ବେଳେ ବରୀ ଓ ବଡ଼ଚଣା ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ




ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠର ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନୀ ଅବସରରେ ବିଧାୟକ ଆକାଶ ଦାସନାୟକ ଏବଂ ଅନ୍ୟମାନେ।

**କୋରେଇ,୬।୫(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ଓ ହଳଦୀଗଡ଼ିଆ ପଞ୍ଚାୟତରେ ବିଧାୟକ ଆକାଶ ଦାସନାୟକ ୪ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ଗୋଟିଏ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ବିଧାୟକ ମଙ୍ଗଳବାର ପୂର୍ବାହ୍ଣ ୧୦ଟାରେ ଧନେଶ୍ୱର ପଞ୍ଚାୟତର ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ପହଞ୍ଚି ଅତିରିକ୍ତ ଶ୍ରେଣୀଗୃହର ଉଦ୍‌ଘାଟନ କରିଥିଲେ। ସେଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ପଣ୍ଡୁଲା ଛକଠାରୁ ଖଣ୍ଡୁଆଳୀ ଉଚ୍ଚ ବିଦ୍ୟାଳୟ, ଭାୟା ମାଳଦା, ଖାଁବାଗ, ପାଟୁଳି, ବାରଦା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାର ଅଟକଳ ପରିମାଣ ୩ କୋଟି ୬୦ ଲକ୍ଷ ଟଙ୍କା ରହିଛି।

ସେଠାରୁ ବାଇକ୍ ଶୋଭାଯାତ୍ରାରେ ଯାଇ ହଳଦୀଗଡ଼ିଆ ପଞ୍ଚାୟତ ଅଫିସ ନିକଟରେ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହଳଦୀଗଡ଼ିଆ ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେଠାରେ ହଳଦୀଗଡ଼ିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାର ଅଟକଳ ପରିମାଣ ୪୫ ଲକ୍ଷ ଟଙ୍କା ରହିଛି। ସେହିପରି ଶାଳକଣା ଛକ ନିକଟରେ କୋରେଇ ବରୁଣ୍ଡେଇ ପୂର୍ତ୍ତ ବିଭାଗ ରାସ୍ତାଠାରୁ ତରପଦା, ଭାୟା ବନ୍ତଳା, ପଦୀ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ରାସ୍ତାର ଅଟକଳ ପରିମାଣ ୨ କୋଟି ୮୫ ଲକ୍ଷ ଟଙ୍କା ରହିଛି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ପିନାକ ରଞ୍ଜନ ଦାସ, ପୁରୁଷୋତ୍ତମ ଦାସ, ପ୍ରକାଶ ଧଳ, ଉଦୟ ପରିଡ଼ା, ବନ୍ଦାଳୋ ସରପଞ୍ଚ ବିଷ୍ଣୁଚରଣ ରଥ, ଜୟନ୍ତୀ ସାହୁ, ଦୀପ୍ତିମୟୀ କୁଅଁର, ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ବୈତରଣୀ ମଣ୍ଡଳ ସଭାପତି ଆଲୋକ ମଲ୍ଲିକ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବରୁଣ୍ଡେଇ ସମିତିସଭ୍ୟ ରଶ୍ମିରଞ୍ଜନ ପରିଡ଼ା, ହଳଦୀଗଡ଼ିଆ ସମିତିସଭ୍ୟ ଉଦୟ ନାୟକ, ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ଧନେଶ୍ୱର ବାରିକ, ସାରସ ଦାସ, ମନୋଜ ଦାସ, ରାଜେନ୍ଦ୍ର ରାଉତ, ରଞ୍ଜନ ମହାନ୍ତି, ନିରଞ୍ଜନ ସାମଲ, ହରିହର ମୁଦୁଲି, ସୁରେନ୍ଦ୍ର ବେହେରା, ବସନ୍ତ କର, ଅଜୟ ସାହୁ, ଜହର ଅଲ୍ଲୀ, ପ୍ରମୋଦ ସାହୁ, ରାଜେନ୍ଦ୍ର ଗାହାଣ, ସୀତାକାନ୍ତ କୁଅଁର, ହିମାଂଶୁ ପାଢ଼ୀ, ଶରତ ଜେନା, ପ୍ରତାପ ସାହୁ, ଅଶୋକ ବାରିକ, ସୁବ୍ରତ ସ୍ୱାଇଁ, ମାନସ ମହାନ୍ତି, ସ୍ମୃତିରଞ୍ଜନ ପତ୍ରି, ଜନ୍ମେଜୟ ସାହୁ, ନୀଳମାଧବ ଚକ୍ର, କାର୍ତ୍ତିକ ସାହୁ, ରମେଶ ଭୂୟାଁ, ପ୍ରଫୁଲ୍ଲ ଜେନା ଓ ପ୍ରତାପ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



# କେନ୍ଦ୍ରାପଡ଼ାକୁ ଏବେ ବି ଅନୁପ୍ରବେଶ ଖୁଲମ୍‌ଖୁଲା ଚାଲିଛି

■ ଅପରାହ୍ନ ୪ଟାରେ ଯୁଦ୍ଧ ପରିସ୍ଥିତି ପାଇଁ ମକ୍‌ଡ୍ରିଲ
■ ଅତୀତରେ ଆତଙ୍କବାଦୀଙ୍କ ସହ ଜିଲା ଜଡ଼ିତ

କେନ୍ଦ୍ରାପଡ଼ା, ୬।୫(ଜଗନ୍ନାଥ ଧଳ)

ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଦେଶରେ ହାଇ ଆଲର୍ଟ ଜାରି କରାଯାଇଛି। ଏହି ଘଟଣା ପରେ ପାକିସ୍ତାନ ସହ ଯୁଦ୍ଧ ପରିସ୍ଥିତି ଉପୁଜିଛି। ଦେଶର ସମସ୍ତ ରାଜ୍ୟରେ ସମ୍ଭାବ୍ୟ ଯୁଦ୍ଧ ସମୟରେ ମୁକାବିଲା ପାଇଁ ବୁଧବାର ମକ୍‌ଡ୍ରିଲ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଓଡ଼ିଶାର ୧୨ ଜିଲାରେ ଏ ନେଇ ମକ୍‌ଡ୍ରିଲ ହେବାକୁ ଥିବାବେଳେ ସେଥିରେ କେନ୍ଦ୍ରାପଡ଼ା ଜିଲାକୁ ସାମିଲ କରାଯାଇଛି। ଉପକୂଳବର୍ତ୍ତୀ ଏହି ଜିଲା ବିଭିନ୍ନ ସମୟରେ ଆତଙ୍କବାଦୀଙ୍କ ଚରାଭୂଇଁ ପାଲଟିଥିବା ରେକର୍ଡ ରହିଛି। ଏଥିସହ ବାଂଲାଦେଶୀଙ୍କ ଅନୁପ୍ରବେଶ ଏବେବି ଜାରି ରହିଛି। ଜିଲା ପ୍ରଶାସନ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଉ ନ ଥିବା ଆଲୋଚନା ହେଉଛି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ରବିନାରାୟଣ ପତି, ଜଗଦୀଶ ପତି, ସଚ୍ଚିଦାନନ୍ଦ ବେହେରା, ସୁଶାନ୍ତ ନାୟକ, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶକାରୀ ରାଜନଗର, ମହାକାଳପଡ଼ା, ପଟ୍ଟାମୁଣ୍ଡାଇ, ରାଜକନିକା, ଗରଦପୁର ବ୍ଲକ ଅଞ୍ଚଳରେ ଭୋଟ ବ୍ୟାଙ୍କ ସାଜିଛନ୍ତି। ଏହିସବୁ ବ୍ଲକରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅଧିକ। ଅବସ୍ଥାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଖୁଲମ୍‌ଖୁଲା ସହମତି ମିଳିଯାଉଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହାୟତାରୁ ସ୍କୁଲ ପ୍ରମାଣପତ୍ର ପ୍ରସ୍ତୁତ କରାଯାଇ ଭାରତର ଆଧାର କାର୍ଡ, ପାନ୍ କାର୍ଡ, ଭୋଟର କାର୍ଡ, ରାଶନ କାର୍ଡ ଅନୁପ୍ରବେଶକାରୀ ପାଇଛନ୍ତି। ସେହିପରି ସାମୁଦ୍ରିକ ଥାନାରେ ଉପଯୁକ୍ତ ଭିତ୍ତିଭୂମି ନ ଥିବାରୁ ସି ସଟଲ ଯୋଗେ ବାଂଲାଦେଶୀ ଜିଲାକୁ ଅନୁପ୍ରବେଶ କରୁଛନ୍ତି। ଏଥିସହ ଜିଲାରେ ଆତଙ୍କବାଦୀଙ୍କ ସଂଶ୍ଳିଷ୍ଟ ହେବା ଘଟଣା ଅତୀତରେ ପ୍ରମାଣିତ ହୋଇଛି। ୨୦୧୮ ଅଗଷ୍ଟ ୬ରେ ଜିଲାର ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୁଡ଼ା ପଞ୍ଚାୟତସ୍ଥିତ ମୀରମହଲା ଗ୍ରାମର ହବିବୁର ରହମାନ୍‌ଙ୍କୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦିଲ୍ଲୀ ବିମାନବନ୍ଦରରୁ ଗିରଫ କରିଥିଲା। ସେ ଲସ୍କର-ଇ-ତୋଇବାର ଜଣେ ସନ୍ଦିଗ୍ଧ ଆତଙ୍କବାଦୀ ଥିଲେ ବୋଲି ତତ୍କାଳୀନ ସମୟରେ ଏନ୍‌ଆଇଏ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହା ପୂର୍ବରୁ ୨୦୦୭ରେ ଆତଙ୍କବାଦୀ ସନ୍ଦେହରେ ଟାଉନ ଥାନା ଅନ୍ତର୍ଗତ ରଣପଡ଼ା ଗ୍ରାମର ମହମ୍ମଦ ଜାଭେଦ୍‌ଙ୍କୁ ପାକିସ୍ତାନ ସୀମାରୁ ଗିରଫ କରାଯାଇଥିଲା। ୨୦୧୦ରେ ସେ ଜେଲରୁ ମୁକୁଳିବା ପରେ ଅଦ୍ୟାବଧି ତାଙ୍କର କୌଣସି ପତ୍ତା ନାହିଁ। ସେହିପରି ୨୦୧୬ରେ ସନ୍ଦିଗ୍ଧ ଅଲ୍‌କାଏଦା ଆତଙ୍କବାଦୀ ଅବ୍ଦୁଲ ରହମନ ଗିରଫ ପରେ କେନ୍ଦ୍ରାପଡ଼ା ଜିଲାର କେତୋଟି ମଦ୍ରାସା ଓ ସ୍ଥାନୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିଥିବା ନେଇ ଆଲୋଚନା ହୋଇଥିଲା। ଏହି ସହରର ଗୌଡ଼ଗୋପ ଅଞ୍ଚଳର ଏକ ମଦ୍ରାସାରେ ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ପାଠ ପଢ଼ିଥିବା ଜଣାପଡ଼ିଥିଲା। ଏଥିସହ ଭିତରକନିକା ଅଭ୍ୟନ୍ତର ଅଞ୍ଚଳରେ ବେଆଇନ ଭାବେ ରେଡିଓ ଷ୍ଟେଶନ ସ୍ଥାପନ ହେବା ଘଟଣା ତତ୍କାଳୀନ ସମୟରେ ଦେଶ ସୁରକ୍ଷା ପ୍ରତି ପ୍ରଶ୍ନ ଉଠାଇଥିଲା। ଏବେବି ଜିଲାରେ ଅନୁପ୍ରବେଶକୁ ସମ୍ପୂର୍ଣ୍ଣ ବନ୍ଦ କିମ୍ବା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇନାହିଁ। ସମ୍ଭାବ୍ୟ ଯୁଦ୍ଧ ସମୟରେ ଆତଙ୍କବାଦୀ ଏହି ଜିଲାରେ ରହି ଆତଙ୍କବାଦକୁ ଆଗକୁ ବଢ଼ାଇବାର ସମ୍ଭାବନା ଥିବା ନେଇ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଅଗ୍ନିଶମ ବିଭାଗର ଜିଲା ସହ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଓ ଏଡିଏମ୍ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ପଚାରିବାରେ ସମ୍ଭାବ୍ୟ ଯୁଦ୍ଧ ସମୟରେ କେନ୍ଦ୍ରାପଡ଼ା ଜିଲାକୁ ହାଇ ଆଲର୍ଟରେ ରଖାଯାଇଛି। ଯୁଦ୍ଧ ସମୟରେ ଧନଜନଙ୍କ ସୁରକ୍ଷା କିପରି ହୋଇପାରିବ ସେନେଇ ବୁଧବାର ଅପରାହ୍ନ ୪ଟାରେ ମକ୍‌ଡ୍ରିଲ ହେବ। ଏଥିରେ ସମସ୍ତ ବର୍ଗର ସ୍ୱେଚ୍ଛାସେବୀ, ଶିକ୍ଷାର୍ଥୀ, ବୁଦ୍ଧିଜୀବୀ, ବରିଷ୍ଠ ବ୍ୟକ୍ତି ପ୍ରମୁଖଙ୍କୁ ସାମିଲ କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପଯୋଗୀ ଥିବା ଜିଲାର ୨୦ ସେଣ୍ଟରରୁ ସାଇରନ୍ ବାଜିବ। ଏହି ସମୟରେ ଜନସାଧାରଣ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସଚେତନ କରାଯିବ। ଜନସାଧାରଣଙ୍କ ଆବଶ୍ୟକ ସ୍ଥାନାନ୍ତର ପାଇଁ ଜିଲାରେ ଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ବାସୋପଯୋଗୀ କରାଯାଉଥିବା ସେମାନେ ମତ ରଖିଛନ୍ତି।


କେନ୍ଦ୍ରାପଡ଼ା ଖୋଲା ନିକଟରେ ସି ସଟଲ।

# ସାମିଲ ହେବେ ପୋଲିସ, ଅଗ୍ନିଶମ ବାହିନୀ, ସ୍ୱେଚ୍ଛାସେବୀ

■ ମକ୍‌ଡ୍ରିଲ ପାଇଁ ବାଜିବ ସତର୍କ ସାଇରନ୍
■ ଭୟ ନ କରିବାକୁ ଅପିଲ

ମହାକାଳପଡ଼ା, ୬।୫(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କଶ୍ମୀରର ପହଲଗାମ୍‌ଠାରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସେବେଠାରୁ ଭାରତ ସରକାର କଠୋର କାର୍ଯ୍ୟାନୁଷ୍ଠାନ ପାକିସ୍ତାନ ଉପରେ ନେବେ ବୋଲି ଘୋଷଣା କରିଥିଲେ। ଆତଙ୍କବାଦୀମାନେ ଜଳ, ସ୍ଥଳ, ଆକାଶ ଯେଉଁଠି ଥାଆନ୍ତୁନା କାହିଁକି ଯେକୌଣସି ସମୟରେ ଆକ୍ରମଣ ଜୋର୍‌ଦାର କରିବା ପାଇଁ ଭାରତ ପ୍ରସ୍ତୁତ ହେବାକୁ ରଣନୀତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୁହାଯାଉଛି। ଅପରପକ୍ଷେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ନେଇ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ସମ୍ବେଦନଶୀଳ ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଯୁଦ୍ଧାଭ୍ୟାସ ମକ୍‌ଡ୍ରିଲ ସମରାଭ୍ୟାସ ଓ ସତର୍କ ସୂଚନ,। ସଚେତନ ବାର୍ତ୍ତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ରହିଛି।

ଏହି ଅବସରରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଜମ୍ବୁ ଓ ତଣ୍ଡିଆପାଳ ସାମୁଦ୍ରିକ ଥାନା ଅଞ୍ଚଳରେ ଯୁଦ୍ଧାଭ୍ୟାସ ଓ ସତର୍କ ସୂଚନା ସଚେତନ ବାର୍ତ୍ତା ପାଇଁ ପ୍ରଶାସନ ଉଦ୍ୟମ ଆରମ୍ଭ କରିଛି। ସ୍ଥାନୀୟ ପୋଲିସ, ଅଗ୍ନିଶମ ବାହିନୀ, ସିଭିଲ ଡିଫେନ୍ସ ସେଚ୍ଛାସେବୀ ମିଳିତ ହୋଇ ଯୁଦ୍ଧ ସମୟରେ କିପରି ମୁକାବିଲା ଓ ସତର୍କ ରହିବେ ସେଥିପାଇଁ ସମସ୍ତ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଉଛି। ଯଦି ଯୁଦ୍ଧ ହୁଏ କେମିତି ଜୀବନ ବଞ୍ଚିବ, ଧନଜୀବନ ସୁରକ୍ଷିତ କରାଯିବ ସେଥିଲାଗି ମକ୍‌ଡ୍ରିଲ କରାଯାଉଛି। ୧୯୬୨, ୧୯୭୧ ପାକିସ୍ତାନ ସହ ଯୁଦ୍ଧ ପୂର୍ବରୁ ସାଇରନ୍ ବାଜିଥିଲା। ସେହିପରି ପାକିସ୍ତାନ ସହ ଯୁଦ୍ଧ ପୂର୍ବରୁ ୨୦୨୫ରେ ବାଜିବ ଆଗୁଆ ଯୁଦ୍ଧ ସାଇରନ୍। ସଚେତନ ବାର୍ତ୍ତା ଓ ଶତ୍ରୁ ଆକ୍ରମଣରୁ ନିଜକୁ ସୁରକ୍ଷାଦେବା ପାଇଁ ହେବ ସମରାଭ୍ୟାସ। ଆକାଶମାର୍ଗରୁ ଆକ୍ରମଣ ନେଇ ମିଳିବ ଚେତାବନୀ। ବାଜିବ ଘନ ଘନ ସାଇରନ୍, ଲୋକଙ୍କୁ ସୁରକ୍ଷିତ ରଖିବାକୁ ତାଲିମ୍ ଓ ସଚେତନ ବାର୍ତ୍ତା କୁଖଠଣଯିବ। କୌଣସି ପ୍ରକାର ଭୟ ନ କରି ଏହି ସଚେତନତା କାର୍ଯ୍ୟକ୍ରମରେ ସମସ୍ତେ ସାମିଲ୍ ହେବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବଙ୍ଗୋପସାଗର ସୀମାରେ କେନ୍ଦ୍ରାପଡ଼ା ଜିଲା ସନ୍ନିକଟ ପଡ଼ୋଶୀ ପାରାଦୀପ ବନ୍ଦର ଅଞ୍ଚଳ ରହିଛି। ସେଥିପାଇଁ କେନ୍ଦ୍ରାପଡ଼ା ଓ ପାରାଦୀପ ଅତି ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ବାହ୍ୟଶତ୍ରୁ ଆକ୍ରମଣରୁ କିପରି ରକ୍ଷା କରାଯିବ, ସେଥିଲାଗି ଜନସଚେତନତା ସୃଷ୍ଟି କରିବାକୁ ପ୍ରୟାସ ଆରମ୍ଭ ହୋଇଯାଇଛି।

# ଭିତରକନିକାରେ ପ୍ରଶିକ୍ଷଣ ନେଲେ ୨୮ ରେଞ୍ଜର


ଭିତରକନିକାକୁ ପ୍ରଶିକ୍ଷଣ ନେବାକୁ ଆସିଥିବା ମହାରାଷ୍ଟ୍ରର ରେଞ୍ଜରମାନେ।

ରାଜନଗର, ୬।୫
(ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ଆଦ୍ରଭୂମି, ବିରଳ ଜୀବଜନ୍ତୁ ଓ ଜୈବ ବିବିଧତା ସମ୍ପର୍କରେ ମଙ୍ଗଳବାର ୨୮ ଜଣ ରେଞ୍ଜର ପ୍ରଶିକ୍ଷଣ ନେଇଛନ୍ତି। ମହାରାଷ୍ଟ୍ର ଚନ୍ଦ୍ରପୁର ଫରେଷ୍ଟ ଏକାଡେମୀର ରେଞ୍ଜରମାନେ ଆସିଛନ୍ତି। ଭିତରକନିକା ଘଞ୍ଚ ଜଙ୍ଗଲ ଭିତରେ ଦୁଃସାହସିକ ଯାତ୍ରା କରିବା ସମୟରେ କିଙ୍ଗ୍ କୋବ୍ରା ସହ ଅନ୍ୟ ସାପ, ହେଟା ବାଘ, ଝିଙ୍କ ପକ୍ଷୀ, ଚିତା ବିରାଡ଼ି, ହରିଣ, ବାର୍ହା, ବଉଳା କୁମ୍ଭୀର, ଦେଶୀ ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଜ୍ଞାନ ଆହରଣ କରିଛନ୍ତି। ଏଥିସହ ଭିତରକନିକା ଜାତୀୟ ଉଦ୍ୟାନ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ଡଲଫିନ ଏବଂ ଅଲିଭରିଡଲେ କଇଁଛ ସମ୍ବନ୍ଧୀୟ ବହୁ ତଥ୍ୟ ସଂଗ୍ରହ କରିଛନ୍ତି। ଐତିହାସିକ ହୁକିଟୋଲା ଦ୍ୱୀପ, କାଳିଭଞ୍ଜଡିଆ ଦ୍ୱୀପ ସମେତ ଭିତରକନିକାର ଲୁଣା ବୃକ୍ଷ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ଭାରତର ଦ୍ୱିତୀୟ ବୃହତମ ଲୁଣା ଜଙ୍ଗଲର ବୈଶିଷ୍ଟ୍ୟ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳବର୍ତ୍ତୀ ଧନଜୀବନ ସୁରକ୍ଷା କ୍ଷେତ୍ରରେ ଲୁଣା ଜଙ୍ଗଲର ଅମୂଲ୍ୟ ଅବଦାନ ସମ୍ପର୍କରେ ଅବଗତ ହୋଇଛନ୍ତି। ଏସିଏଫ୍ ମାନସ କୁମାର ଦାସ, ଗଗନ ବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନ କୁମାର ନାୟକ, ନିରାକାର ବେହେରା ପ୍ରମୁଖ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ରେଞ୍ଜରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

# ହେନ୍ତାଳ ବଣ ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷା କବଚ

## ଲୁଣା ଜଙ୍ଗଲ ସୃଷ୍ଟି, ସୁରକ୍ଷା ଉପରେ କର୍ମଶାଳା

ଏରସମା, ୬।୫ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିର ଓଟିଡିସି ସଭାଗୃହରେ ସୋମବାର ଲୁଣା ଜଙ୍ଗଲର ସୃଷ୍ଟି ଓ ସୁରକ୍ଷା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ ଉପସ୍ଥିତ ହୋଇ ହେନ୍ତାଳ ବଣ ପ୍ରାକୃତିକ ବିପର୍ଯ୍ୟୟର ସୁରକ୍ଷା କବଚ ବୋଲି କହିଥିଲେ। ଶିକ୍ଷକ ନକୁଳାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସେଣ୍ଟର ଫର ୟୁଥ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ (ସିୱାଇଏସ୍‌ଡି)ର ବରିଷ୍ଠ କର୍ମକର୍ତ୍ତା ପ୍ରଫୁଲ୍ଲ ରାଉତ ଉପସ୍ଥିତ ହୋଇ ଉପକୂଳ ସୁରକ୍ଷା ପାଇଁ ଲୁଣା ଜଙ୍ଗଲର ସୃଷ୍ଟି ନିମନ୍ତେ ପ୍ରତ୍ୟେକେ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଦୋଳଗୋବିନ୍ଦ ଜୀଉ ୟୁଥ କ୍ଲବର ସଭାପତି ସୁକାନ୍ତ ସାମନ୍ତ ଅଳକା ନଦୀଠାରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଲୁଣା ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ସମସ୍ୟା ଓ ତାର ସମାଧାନ ଉପରେ ଆଲୋକପାତ କରିଥିଲେ। ଏଥିରେ ସାମାଜିକ କର୍ମୀ ବିନୟ ମହାପାତ୍ର, ପ୍ରକୃତିବନ୍ଧୁ ନିମାଇଁ ମଲ୍ଲିକ, ପୂର୍ବତନ ସରପଞ୍ଚ ଶ୍ରୀକାନ୍ତ ମାଇତି, ସାମାଜିକ କର୍ମୀ ଅରୁଣ ବେହେରା, ସରପଞ୍ଚଙ୍କ ପ୍ରତିନିଧି ରାଜେନ୍ଦ୍ର ସାମନ୍ତ, ଉପେନ୍ଦ୍ର ସାମନ୍ତ, ଧଡ଼ି ଚରଣ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଦୀନବନ୍ଧୁ ଗିରି ଧନ୍ୟବାଦ ଦେଇଥିଲେ।


କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ସୋଲାରକୁ ହରାଇ ସେମିଫାଇନାଲରେ ବାପୁଜୀ ସ୍ପୋର୍ଟିଂ

## ସର୍ବଭାରତୀୟ ଦିବାରାତ୍ର ଟି -୨୦ ଆନେକ୍ସ କପ୍ କ୍ରିକେଟ ଟୁର୍ନାମେଣ୍ଟ

ଜଗତ୍‌ସିଂହପୁର, ୬।୫
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୧୮ତମ ଆନେକ୍ସ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ଓ କଟକର ସୋଲାର କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ସୋଲାର କ୍ରିକେଟ କ୍ଲବ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବାପୁଜୀ କ୍ରିକେଟ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୯୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ସିଦ୍ଧାନ୍ତ ଜେନା ୨୮ ବଲରୁ ୫୫ ଏବଂ ଶୁଭମ ଶତ୍ରୁଜିତ୍ ୨୬ ବଲରୁ ୪୯ ରନ୍ ସଂଗ୍ରହ କରିଥିଲେ। ସୋଲାର କ୍ରିକେଟ କ୍ଲବ ପକ୍ଷରୁ ମଳୟ ଜେନା, ଏମ୍‌ଜି ଗୋପାଳ ଏବଂ ମନୀଷ ରାଉତ ପ୍ରତ୍ୟେକେ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ସୋଲାର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୩ ରନ୍ ସଂଗ୍ରହକରି ପରାଜିତ ହୋଇଥିଲା। ଦଳ ପକ୍ଷରୁ କୃଷ୍ଣଚନ୍ଦ୍ର ବାରିକ ୪୦ ବଲରୁ ୬୭, ସମୀର ମହାନ୍ତି ୨୦ ବଲରୁ ୨୬, ସମ୍ବିତ୍ ବେଜ୍ ୨୨ ବଲରୁ ୨୬ ରନ୍ ଏବଂ ଅଧିନାୟକ ସ୍ୱନ ପାହାରିଆ ୧୬ ବଲରୁ ୨୩ ରନ୍ ସଂଗ୍ରହ କରିଥିଲେ। ବାପୁଜୀ କ୍ରିକେଟ ସ୍ପୋର୍ଟିଂ ପକ୍ଷରୁ ଦେବବ୍ରତ ପ୍ରଧାନ ୩ଟି ଏବଂ କ୍ଷମାସାଗର ବଳ ୨ଟି ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ଅତିଥିଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଲକ୍ଷ୍ମୀଧର ସ୍ୱାଇଁ, ଖବରଦାତା ରମାକାନ୍ତ ଦାସ, ଲଲାଟେନ୍ଦୁ କେଶରୀ, ଲକ୍ଷ୍ମୀ ନାରାୟଣ ମିଶ୍ର, ରଶ୍ମି ରଞ୍ଜନ ରାୟ ପ୍ରମୁଖ ଯୋଗଦେଇ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବା ସିଦ୍ଧାନ୍ତ ଜେନାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅମ୍ପାୟର ଆଶୁତୋଷ ପାଣି ଓ ସୌମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ।

# ରାଜକନିକା ବ୍ଲକ୍‌ରେ ମକ୍‌ଡ୍ରିଲ୍ ପାଇଁ ପ୍ରସ୍ତୁତି ବୈଠକ

ରାଜକନିକା,୬।୫
(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକରେ ବୁଧବାର ଅପରାହ୍ନ ହେବାକୁ ଥିବା ମକ୍ ଡ୍ରିଲ ପାଇଁ ମଙ୍ଗଳବାର ବ୍ଲକ ସଭାଗୃହରେ ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନ ୪ଟାରେ ସାଇରେନ ବାଜିବ। ଏ ନେଇ ବ୍ଲକର କୋଇଲିପୁର ଓ କାଟଣା-ବଣିଆ ପଞ୍ଚାୟତରେ ୨ଟି ବାତ୍ୟାଆଶ୍ରୟସ୍ଥଳୀଠାରେ ପ୍ରଥମ ପର୍ଯ୍ୟାୟରେ ମକ୍ ଡ୍ରିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଯଦି ଯୁଦ୍ଧ ହୁଏ ଏହି ମକ୍ ଡ୍ରିଲ, ସାଇରନ ମଧ୍ୟରେ ସାଧାରଣ ଲୋକମାନଙ୍କୁ ସଚେତନ କରାଯିବା ସହ ଯେଉଁମାନେ ଆହତ ହୁଅନ୍ତି ସେମାନଙ୍କୁ ଅମ୍ବୁଲାନ୍ସରେ କେମିତି ମେଡିକାଲକୁ ପଠା ଯାଇ ପାରିବ ସେହି ବିଷୟରେ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ରାଜକନିକା ଥାନାଧିକାରୀ ସଞ୍ଜୟ କୁମାର ମଲ୍ଲିକ, ଅଗ୍ନିଶମ ଅଧିକାରୀ ସଂଗ୍ରାମ ମଲ୍ଲିକ ଓ ମେଡିକାଲ ଅଫିସର ବାଦଲ କୁମାର ମହାନ୍ତିଙ୍କ ସମେତ ବ୍ଲକର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ଅପରାହ୍ନ ୪ଟାରେ ପାରାଦୀପରେ ମକ୍‌ଡ୍ରିଲ୍

## ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି

ଜଗତ୍‌ସିଂହପୁର/ପାରାଦୀପ, ୬।୫(ପ୍ରମୋଦ କୁମାର ନାୟକ/ ଶରତ ରାଉତ)

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ନାଗରିକଙ୍କୁ ସତର୍କ ଓ ସୁରକ୍ଷିତ ରଖିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କେନ୍ଦ୍ର ଓ ରାଜ୍ୟ ଗୃହ ବିଭାଗର ନିର୍ଦ୍ଦେଶ ଅନୁସାରେ ଓଡ଼ିଶାର ୧୨ ଜିଲାକୁ ସତର୍କ ସୂଚନା ଦିଆଯାଇଛି। ସେଥିରୁ ଜଗତ୍‌ସିଂହପୁର ଅନ୍ୟତମ। ଏନେଇ ବୁଧବାର ଅପରାହ୍ନ ୪ଟାରେ ପାରାଦୀପସ୍ଥିତ ଷଣ୍ଢକୁଦଠାରେ ଜିଲା ପ୍ରଶାସନ ପକ୍ଷରୁ ଏକ ମକ୍‌ଡ୍ରିଲର ବ୍ୟବସ୍ଥା କରାଯାଇଛି ବୋଲି ମଙ୍ଗଳବାର ଜିଲାପାଳ ଜେ. ସୋନାଲ ଓ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ଯୁଗ୍ମଭାବେ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି।

ଏହି ଅବସରରେ ଜିଲାପାଳ ମକ୍‌ଡ୍ରିଲ ପାଇଁ ସରକାର ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା ଆଧାରରେ ସମସ୍ତ କାର୍ଯ୍ୟ ପରିଚାଳନା ପାଇଁ ଅନୁରୋଧ କରିଥିଲେ। ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିରେ ସାଧାରଣ ଜନତା କିଭଳି ସୁରକ୍ଷିତ ରହିବେ, ଧନଜୀବନ କିଭଳି ନଷ୍ଟ ନ ହେବ ଏବଂ ଏହାର ପରବର୍ତ୍ତୀ ସମୟରେ କିଭଳି ଉଦ୍ଧାର ଓ ଚିକିତ୍ସା କରାଯିବ ଓ ଯଦି କୌଣସି ଆପାତ୍‌କାଳୀନ ଅସୁବିଧା ହୁଏ ତେବେ ସେ ସମୟରେ କ'ଣସବୁ କାର୍ଯ୍ୟପନ୍ଥା ରହିବ ସେ ବିଷୟରେ ଜିଲାପାଳ ଆଲୋକପାତ କରିଥିଲେ। ଅପରାହ୍ନ ୪ଟାରେ ସାଇରନ୍ ୫ ମିନିଟ ପାଇଁ ବାଜିବ। ସାଇରନ୍ ଶବ୍ଦ ଶୁଣିବା ମାତ୍ରେ ବାହାରେ ଥିବା ପ୍ରତ୍ୟେକ ନାଗରିକ ସୁରକ୍ଷିତ ଛାତଘର, କୋଠା, ବିଲ୍ଡିଂ ଇତ୍ୟାଦି ମଧ୍ୟକୁ ପ୍ରବେଶ କରି ସୁରକ୍ଷିତ ରହିବେ। ସେମାନଙ୍କୁ ସୁରକ୍ଷାକର୍ମୀ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିବେ। ସିଭିଲ ଡିଫେନ୍ସର କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିବେ। ଆକ୍ରମଣ ଶେଷହେବାର ସୂଚନା ଭାବେ ପୁନଶ୍ଚ ସାଇରନ୍ ବାଜିଲେ ନାଗରିକମାନେ ପୂର୍ବବତ୍ ସ୍ୱାଭାବିକ କାର୍ଯ୍ୟ କରିପାରିବେ। ଏହି ମକ୍‌ଡ୍ରିଲ ସମୟରେ ଅଭ୍ୟାସ ପାଇଁ ଆହତ ହୋଇଥିବା ଲୋକଙ୍କୁ ଉଦ୍ଧାର ଓ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ହୋଇ ରହିବ। ଏସବୁ ମକ୍‌ଡ୍ରିଲ ବା ଛାୟାଯୁଦ୍ଧ ଅଭ୍ୟାସ କାର୍ଯ୍ୟକ୍ରମ ହୋଇଥିବାରୁ ସାଧାରଣ ଜନତା ଆଦୌ ଭୟଭୀତ ନ ହେବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଏହି ମକ୍‌ଡ୍ରିଲ ସମ୍ପର୍କରେ ଆବଶ୍ୟକ ସତର୍କ ସୂଚନା ଏଂ ସଚେତନତା ବାର୍ତ୍ତା ସ୍ୱଚ୍ଛସାଥୀ, ଅଙ୍ଗନୱାଡି କର୍ମୀ, ୱାର୍ଡ ଅଫିସରମାନଙ୍କ ଦ୍ୱାରା ପ୍ରଚାର ପ୍ରସାର କରାଇବାକୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏପରି ସ୍ଥିତିରେ ଛୋଟପିଲା, ଗର୍ଭବତୀ, ବୟସ୍କ ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଉଦ୍ଧାର ପାଇଁ ସେ ପରାମର୍ଶ ଦେଇଛନ୍ତି। ଏଥିସହ ଯୁବପିଢ଼ିଙ୍କୁ ମଧ୍ୟ ସ୍ୱତଃସ୍ଫୁର୍ତ୍ତ ଭାବେ ଉଦ୍ଧାର କାର୍ଯ୍ୟରେ ଭାଗନେବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ବୈଠକରେ ଏସ୍‌ପି ଉଦ୍‌ଗାତା କହିଥିଲେ, ଭୟଭୀତ ନ ହୋଇ ସତର୍କ ତଥା ସଜାଗ ରହିଲେ ସମସ୍ତ ବିପତ୍ତିକୁ ଏଡ଼ାଯାଇପାରିବ। ଜଗତ୍‌ସିଂହପୁର ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ତେଣୁ ସମ୍ଭାବ୍ୟ ଯୁଦ୍ଧ ପରି ଏକ ଅଭାବନୀୟ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ଉଦ୍‌ଗାତା କହିଥିଲେ। ସେହିପରି ପାରାଦୀପର ସର୍କିଟ୍ ହାଉସ୍‌ଠାରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ, ଏସ୍‌ପିଙ୍କ ସମେତ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲାପାଳ ପାରାଦୀପ ନିରଞ୍ଜନ ବେହେରା, ଆଇଆର୍‌ଟିଏସ୍‌ର ଆସିଷ୍ଟାଣ୍ଟ ରିଜିଓନାଲ ମ୍ୟାନେଜର ଅର୍ଘ୍ୟ ପଟ୍ଟନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପାରାଦୀପ ସ୍ମୃତିରଞ୍ଜନ କର, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ଡେପୁଟି କଲେକ୍ଟର ଜରୁରୀ ବିଭାଗ ଅନିଶା ଦାସ, ଆଇଓସିଏଲ, ପିପିଏଲ, ଇଫ୍‌କୋ, ଜେଏସ୍‌ଡବ୍ଲୁର ମୁଖ୍ୟ ଓ ସମସ୍ତ ବିଭାଗୀୟ ଅଧିକାରୀ, କୋଷ୍ଟଗାର୍ଡ, ସିଭିଲ ଡିଫେନ୍ସ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଓ ସୁରକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ।


ପାରାଦୀପର ସର୍କିଟ ହାଉସରେ ଅନୁଷ୍ଠିତ ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।



# ଭିନ୍ନକ୍ଷମ ପାଉନାହାନ୍ତି ୪ ଚକିଆ ସ୍କୁଟି

ନୟାଗଡ଼,୬।୫(ଲୋକନାଥ ମିଶ୍ର): ଭିନ୍ନକ୍ଷମଙ୍କ ପାଇଁ ମାଗଣା ସ୍କୁଟି ଯୋଜନା ରହିଛି । ହେଲେ ମାଗଣା ସ୍କୁଟି କିପରି ଭିନ୍ନକ୍ଷମ ପାଇବେ ସେନେଇ ଅନେକ ଅଜଣା । ଏଣୁ ନୟାଗଡ଼ ଜିଲାର ୨ ଜଣ ଭିନ୍ନକ୍ଷମ ୪ ଚକିଆ ସ୍କୁଟି ପାଇବା ପାଇଁ ବାରମ୍ବାର ଚେଷ୍ଟା କରି ବିଫଳ ହୋଇ ଆସୁଛନ୍ତି । ଏପରିକି ସ୍କୁଟି ପାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରତିଶ୍ରୁତି ପାଇଥିଲେ ମଧ୍ୟ ସୁଫଳ ମିଳୁନି । ସ୍କୁଟି ଯୋଜନାରେ ସାମିଲ ହେବାକୁ ହେଲେ ସ୍ଥାନୀୟ ଏମ୍‌ପିଙ୍କୁ ଆବେଦନ କରି ଜିଲା ସାମାଜିକ ବିକଳାଙ୍ଗ ଅଧିକାରୀଙ୍କ କାର୍ଯ୍ୟାଳୟକୁ ମଞ୍ଜୁର ଦରଖାସ୍ତ ପଠାଇବାକୁ ପଡିବ । ଦରଖାସ୍ତ ସରକାରୀସ୍ତରରେ ମଞ୍ଜୁରୀ ପାଇଲେ ସ୍କୁଟି ମିଳିଥାଏ । ଏନେଇ ନୟାଗଡ଼ ବ୍ଲକ ଝାରପଡ଼ା ଗାଁର ରମେଶ ଚନ୍ଦ୍ର ଦାସ କୁହନ୍ତି, ମୁଁ ଜଣେ ଭିନ୍ନକ୍ଷମ । ତେବେ ପିଲାଟି ଦିନରୁ ଭିନ୍ନକ୍ଷମ ମୁଁ ନ ଥିଲି । ଦିନ ମଜୁରିଆ ଭାବେ କାମ କରି ଟଙ୍କା ରୋଜଗାର କରୁଥିଲି । ପରେ ପାୱାରଟେଲର ଦ୍ୱାରା ବିଲରେ ଚାଷ କରି ଗୁଜୁରାଣ ମେଣ୍ଟୁଥିଲି । ପାୱାରଟେଲର ଚଲାଉଥିବାବେଳେ ଭାରସାମ୍ୟ ହରାଇ ଓଲଟି ପଡିବାରୁ ମୋର ଡାହାଣ ଗୋଡ କଟିଗଲା । ଏହା ପରେ ମୋ ପରିବାର ପାଇଁ ବିପଦ ମାଡି ଆସିଲା । ରୋଜଗାର ବନ୍ଦ ହୋଇଗଲା । ଡାହାଣ ଗୋଡଟି କଟିଯିବାରୁ ଚାଲିବା ମୋ ପାଇଁ କାଠିକର ପାଠ ହୋଇପଡିଲା । ଦିନେ ଖାଇଲେ ଓଳିଏ ଉପବାସ ରହିବାକୁ ପଡେ। ଏଭଳିସ୍ଥଳେ କୃଷି କାର୍ଯ୍ୟ ଓ ବ୍ୟବସାୟ ଉଦ୍ଦେଶ୍ୟରେ ଏକ ୪ ଚକିଆ ସ୍କୁଟ ଏବଂ କୃଷି ଋଣ ପାଇଁ ବ୍ଲକ ଓ ଜିଲା ପ୍ରଶାସନରେ ଆବେଦନ କରିଥିଲି । ସୁଫଳ ନ ପାଇବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ସରକାରୀ ସୁବିଧା ହାତେଇବା ପାଇଁ ଉଦ୍ୟମ କରିଥିଲି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ(ଡିଏସ୍‌ଏସ୍‌ଓ)ଙ୍କୁ ଭେଟିଥିଲି । ହେଲେ ସେଠାରେ ମୋତେ ସରକାରୀ ସୁବିଧା ମିଳିବ ବୋଲି ଆଶା ମରିଗଲା । କାରଣ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମୋତେ ୧୦ ହଜାର ଟଙ୍କା ମାଗିଥିଲେ। ଟଙ୍କା ଦେଲେ କୃଷି ଋଣ ଓ ସ୍କୁଟି ମିଳିବ ବୋଲି ପ୍ରତିଶ୍ରୁତି ଦେଲେ । ହେଲେ ମୋ ପରି ଗରୀବ ପାଖରେ ଏତେ ଟଙ୍କା ନ ଥିବାରୁ ଯୋଜନାର ସୁଫଳ ନେଇ ପାରିଲି ନାହିଁ । ଏ ସମ୍ପର୍କରେ ମୁଁ ରାଜ୍ୟ କମିଶନରଙ୍କୁ ଅବଗତ କରାଇଥିଲି । କମିଶନରଙ୍କ କୋର୍ଟ ଏସ୍‌ସିପିଡି କେଶ ନଂ. ୬୮/୨୫ ରୁଜୁ କରି ଜିଲାପାଳଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳିସ୍ଥଳେ ମୋ ପରି ଭିନ୍ନକ୍ଷମ କିପରି ନ୍ୟାୟ ପାଇବ ଓ ମୁଁ ଏକ ବ୍ୟବସାୟ କରି ପେଟ ପୋଷିବା ପାଇଁ କୃଷିଋଣ ଓ ୪ ଚକିଆ ସ୍କୁଟି କିପରି ପାଇବି ସେନେଇ ସହଯୋଗ କରିବାକୁ ଅନ୍ୟମାନଙ୍କୁ ଅନୁରୋଧ କରିଛନ୍ତି ।



ରମେଶ ଚନ୍ଦ୍ର ଦାସ ।

- ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍ ପରେ ବି ସୁଫଳ ମିଳିଲାନି
- ଏମ୍‌ପିଙ୍କ ପାଣ୍ଠିରେ ସ୍କୁଟି ଯୋଜନା ସମ୍ପର୍କରେ ଅନେକ ଅଜଣା
- ବ୍ୟବସାୟ କରିବା ପାଇଁ ୨ ଭିନ୍ନକ୍ଷମଙ୍କ ଉଦ୍ୟମ ଜାରି

ସେହିପରି ଓଡ଼ଗାଁ ବ୍ଲକ୍ ତୋଡିବାରୀ ଗାଁର ମାଧବ ମାଝି କୁହନ୍ତି, ମୁଁ ଯୁକ୍ତ ୨ ଯାଏ ପଢ଼ିଛି। ହେଲେ ଯୁକ୍ତ ୨ରେ ଫେଲ ହୋଇଗଲି । ବୟସ ୮ ବର୍ଷ ହୋଇଥିବା ବେଳେ ମୁଁ ପୋଲିଓରେ ଆକ୍ରାନ୍ତ ହୋଇଥିଲା। ଫଳରେ ମୋର ୨ ଗୋଡ଼ ଅକର୍ମଣ୍ୟ ହୋଇଗଲା । ମୁଁ ଭିନ୍ନକ୍ଷମ ହୋଇଗଲି । ଭିନ୍ନକ୍ଷମ ସାର୍ଟିଫିକେଟ ପାଇବା ସମୟରେ ପ୍ରାୟ୨୦ ବର୍ଷ ତଳେ ମୁଁ କିଛିଟା ଚଲାବୁଲା କରୁଥିଲି । ସେ ସମୟରେ ମୋତେ ୭୦ ପ୍ରତିଶତ ଭିନ୍ନକ୍ଷମ ସାର୍ଟିଫିକେଟ ମିଳିଥିଲା । କିଛି ବର୍ଷ ପରେ ମୁଁ ଆଉ ଚାଲି ପାରି ନାହୁଁ । ଏବେ ମୋ ଉପରେ ପୁଅ ଝିଅ, ସ୍ତ୍ରୀ, ବାପା, ମା'ଙ୍କ ସମେତ ୬ ପ୍ରାଣୀ କୁଟୁମ୍ବ ନିର୍ଭର କରୁଛନ୍ତି । ଏଭଳିସ୍ଥଳେ ମୁଁ ସରକାରଙ୍କ ବର୍ଦ୍ଧିତ ୩୫ ଶହ ଟଙ୍କା ଭତ୍ତା ପାଇ ପାରୁ ନାହିଁ । ମୋଠାରୁ କମ ଭିନ୍ନକ୍ଷମ ୩୫୦୦ ଟଙ୍କା ଭତ୍ତା ପାଉଛନ୍ତି । ଅନ୍ୟପକ୍ଷେ ମୁଁ ଅନ୍ୟ ଉପରେ ନିର୍ଭର କରି ଚଳିବା ପାଇଁ ଚାହେଁ ନାହିଁ। ମୁଁ ଭିନ୍ନକ୍ଷମ ହେଲେ ବି ପରିବା ବ୍ୟବସାୟ କରୁଛି । ହେଲେ ମୋ ଯାତାୟତରେ ମୁଁ ବହୁ କଷ୍ଟ ପାଉଛି । ୪ ଚକିଆ ସ୍କୁଟି ପାଇବା ପାଇଁ ବାରମ୍ବାର ଏମ୍‌ପିଙ୍କ ଭେଟିବାକୁ ଚେଷ୍ଟା କରୁଛି । ସରକାର ବଦଳି ଗଲା ପରେ ବି ମୁଁ ଏମ୍‌ପିଙ୍କ ଠାରୁ ସୁପାରିଶ ଲେଖା ଆଣି ପାରୁ ନାହିଁ । ଏଣୁ ମୋ ସ୍କୁଟି ଯୋଜନା ମୋ ପାଇଁ ସାତସପନ ହୋଇ ପଡିଛି। ସ୍କୁଟି ଯୋଜନାରେ ଭିନ୍ନକ୍ଷମଙ୍କ ପାଇଁ ଆବେଦନ ସହଜ କରିବା ଦରକାର। ଯେପରି ଜଣେ ଭିନ୍ନକ୍ଷମ ତା'ପାଇଁ ଉଦ୍ଦିଷ୍ଟ ସେବା ଠିକରେ ପାଇ ପାରିବେ। ତେବେ ଆମ ପାଇଁ ଯୋଜନାକୁ କିଛି ଅଣ ଭିନ୍ନକ୍ଷମ ହାତେଇବାରେ ସଫଳ ହେଉଥିବାବେଳେ ଆମେ ଅଣଦେଖା ହୋଇ ରହି ଯାଉଛୁ । ମୋ ପାଇଁ ଏକ ୪ ଚକିଆ ସ୍କୁଟି ଓ ଭତ୍ତା ୩ ହଜାର ୫୦୦ କରାଗଲେ ଆମ ପାରିବାରିକ ସ୍ଥିତିରେ ପରିବର୍ତ୍ତନ ଆସନ୍ତା ବୋଲି ସେ କହିଛନ୍ତି ।

ଏ ସଂକ୍ରାନ୍ତରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦୟାନିଧି ନାୟକ କୁହନ୍ତି, ୪ ଚକିଆ ସ୍କୁଟି ଯୋଜନା ପାଇଁ ଏମ୍‌ପିଙ୍କୁ ଆବେଦନ କରିବାକୁ ପଡିବ । ଆମେ ଏଥିରେ କିଛି କରିପାରିବୁ ନାହିଁ। ମୋ ନାମରେ ଯେଉଁ ୧୦ ହଜାର ଟଙ୍କା ଲାଞ୍ଚ ଅଭିଯୋଗ କରାଯାଉଛି ତାହା ସମ୍ପୂର୍ଣ୍ଣ ମିଥ୍ୟା । ମୋ ଅଫିସରେ ସବୁ ଆଡେ ସିସିଟିଭି କ୍ୟାମେରା ଲାଗିଛି। ଯାହାର ତଦନ୍ତ କରାଯାଉ । ମୁଁ କେବେ କାହାରିକୁ ହଇରାଣ ହରକତ କରିନାହିଁ । ଅଯଥାରେ ମୋତ କାହିଁକି ବଦନାମ କରାଯାଉଛି ମୁଁ ଜାଣି ପାରୁ ନାହିଁ ବୋଲି କହିଛନ୍ତି ।

# ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା,ଶୈବଯଜ୍ଞ ପୂର୍ଣ୍ଣାହୁତି



ଯଜ୍ଞ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ପଣ୍ଡିତ ବୃନ୍ଦ ।

ନୂଆଗାଁ,୬।୫(ଧନେଶ୍ୱର ସାହୁ): ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳି ପଞ୍ଚାୟତ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ମା'ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି । ଏହି ଅବସରରେ ଚାଲିଥିବା ଶୈବଯଜ୍ଞର ସୋମବାର ପୂର୍ଣ୍ଣାହୁତି ସରିଛି। ନୂଆଗାଁ ବ୍ଲକ ଚାହାଳି, ବଡ଼ଗୋଠ ଓ ଦୁର୍ଦ୍ଦୁରା ପଞ୍ଚାୟତ ଷଡ ମୌଜାରେ ବିରାଜିତ ଶ୍ରୀବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ମା'ପାର୍ବତୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଷଡମୌଜା ଗ୍ରାମବାସୀଙ୍କ ସହଯୋଗରେ ଶୈବ ଯଜ୍ଞ ପାଇଁ ବୁଧବାର ଅକ୍ଷୟ ତୃତୀୟା ଦିନ ଅଙ୍କୁରାରୋପଣ କରାଯାଇଥିଲା । ଗୁରବାର ଗଙ୍ଗାବରଣ , କଳସ ସ୍ଥାପନ କରି ଯଜ୍ଞ ଆରମ୍ଭ କରାଯିବା ସହ ପାର୍ବତୀଙ୍କ ମନ୍ଦିରର ରତ୍ନମୁଦ କରାଯାଇଥିଲା। ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରତିଦିନ ଆହୁତି ପ୍ରଦାନ କରାଯାଉ ଥିଲା । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ହେଉଥିବା ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା । ସୋମବାର ଯଜ୍ଞର ପୂର୍ଣ୍ଣାହୁତି ହେବା ସହ ପାର୍ବତୀଙ୍କ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ପଣ୍ଡିତ ଗଗନ ବିହାରୀ ମିଶ୍ର ଓ ଫକୀର ମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଯଜ୍ଞ କାର୍ଯ୍ୟ ଓ ଆହୁତି ପ୍ରଦାନ କରାଯାଇଥିଲା । ଷଡ ମୌଜାର ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା ବୋଲି ସଭାପତି ବୈକୁଣ୍ଠ ନାଥ ବିହାରୀ ସୂଚନା ପ୍ରଦାନ କରିଛନ୍ତି ।

# ରାସ୍ତା ପାର୍ଶ୍ୱରୁ ଲୁହା ପ୍ଲେଟ୍ ଚୋରି ନେଇ ଉଦ୍‌ବେଗ

ଖଣ୍ଡପଡ଼ା,୬।୫(ଅଜୟ କୁମାର ମହାରଣା) ସର୍ବ ସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ବିଭିନ୍ନ ରାସ୍ତା ପାର୍ଶ୍ୱରେ ଲୁହାପ୍ଲେଟ୍ ଦ୍ୱାରା ସୁରକ୍ଷା ବାଡ ନିର୍ମାଣ କରାଯାଇଥିଲା । ମାତ୍ର ଲୁଟେରାମାନେ ରାସ୍ତା ପାର୍ଶ୍ୱରେ ଲଗା ଯାଇଥିବା ସୁରକ୍ଷା ବାଡରୁ ଲୁହାପ୍ଲେଟ୍‌ଗୁଡିକ ଚୋରି କରି ନେଇଥିବା ଜଣାପଡିଛି । ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ାରୁ ରୟତ ଢୋଲମରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ବୁଲାଣି ସ୍ଥାନରେ ସୁରକ୍ଷା ବାଡ଼ ନିର୍ମାଣ କରାଯାଇଥିଲା । ମାତ୍ର ଦୁର୍ବୃତ୍ତମାନେ ଲୁହା ପ୍ଲେଟ୍‌ଗୁଡିକ ନେଇଯିବା ପରେ ଏବେ ରାସ୍ତା ପାର୍ଶ୍ୱ ମୁକୁଳା ପଡିଛି । ସେହିପରି ଲୁଟେରାମାନେ ରାସ୍ତା ପାର୍ଶ୍ୱରେ ଲଗାଯାଇଥିବା ସୂଚନା ଫଳକଗୁଡିକ ମଧ୍ୟ ଚୋରି କରି ନେଇଥିବା ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କଠାରୁ ପ୍ରକାଶ ।

# ସରକାରୀ ବସ୍ ପାଇଁ ଟିକେଟ କାଉଣ୍ଟର ନାହିଁ

ଖଣ୍ଡପଡ଼ା,୬।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ଉମାଦେବୀ ଛକରେ ସ୍ଥାପନ କରାଯାଇଥିବା ନୂତନ ବସଷ୍ଟାଣ୍ଡ ପରିସରରେ ସରକାରୀ ବସ ସେବା ନିମନ୍ତେ ଏକ ଟିକେଟ କାଉଣ୍ଟର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି । ଉକ୍ତ ସ୍ଥାନରେ ଟିକେଟ୍ କାଉଣ୍ଟର ଖୋଲାଗଲେ ଖଣ୍ଡପଡ଼ା ଅଞ୍ଚଳର ଜନସାଧାରଣ ଉପକୃତ ହୋଇପାରିବେ । ଏବେ ଖଣ୍ଡପଡ଼ା ସହର ଦେଇ ସୁଦୂର ରାଉରକେଲାରୁ ନୟାଗଡ, ନରସିଂହପୁରରୁ ଜୟପୁର, ବ୍ରହ୍ମପୁରରୁ ଗଣିଆ, ପୁରୀରୁ ଗଣିଆ ମଧ୍ୟରେ ରାଜ୍ୟ ସଡ଼କ ପରିବହନ ନିଗମର ଦୂରଗାମୀ ଯାତ୍ରୀବାହୀ ବସଗୁଡିକ ଯାତାୟତ କରୁଛି। ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋ ଦେଇ ମଧ୍ୟ ବିଭିନ୍ନ ସ୍ଥାନକୁ ସରକାରୀ ବସ ଯାତାୟତ କରୁଛି। ଖଣ୍ଡପଡ଼ା ବସ୍‌ଷ୍ଟାଣ୍ଡ ପରିସରରେ ଟିକେଟ କାଉଣ୍ଟର ଖୋଲାଗଲେ ଅଞ୍ଚଳବାସୀ ଉକ୍ତ ସ୍ଥାନରୁ ଟିକେଟ କ୍ରୟ କରି ସୁବିଧାରେ ଯାତାୟତ କରିପାରିବେ । ତେଣୁ ଏଥିପ୍ରତି ରାଜ୍ୟ ସଡ଼କ ପରିବହନ ନିଗମ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ୧୬ରୁ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର

ନୟାଗଡ଼,୬।୫(ଲୋକନାଥ ମିଶ୍ର): ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଭୁବନେଶ୍ୱର ଏବଂ ନୟାଗଡ଼ ଜିଲା ଚେସ୍ ଆସୋସିଏଶନର ମିଳିତ ସହଯୋଗରେ ଚଳିତ ମାସ ୧୬ରୁ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ନୟାଗଡ଼ ଏନଏସି ହାଇସ୍କୁଲରେ ଅନୁଷ୍ଠିତ ହେବ। ସମ୍ପୂର୍ଣ୍ଣ ଦେୟମୁକ୍ତ ଏହି ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବିରରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିପାରିବେ। ୧୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିର ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରବେଶିକା ଫି ବାବଦରେ କେବଳ ୨ଶହ ଟଙ୍କା ବ୍ୟତୀତ ଅନ୍ୟ କୌଣସି ଅତିରିକ୍ତ ଦେୟ ଦେବାକୁ ପଡ଼ିବ ନାହିଁ। ଏ ନେଇ ମଙ୍ଗଳବାର ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ କେସି କ୍ଲବ୍ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଛି। ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଭୁବନେଶ୍ୱରରୁ ପ୍ରଶିକ୍ଷକମାନେ ଯୋଗଦାନ କରିବେ। ଜିଲା ଚେସ୍ ଆସୋସିଏଶନ ସଭାପତି ଭାଗିରଥୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ସମ୍ପାଦକ ଲକ୍ଷ୍ମୀଧର ସାହୁ, ଉପସଭାପତି ବାଲାରସେନ ପାତ୍ର, ଯୁଗ୍ମ ସମ୍ପାଦକ ଉମାକାନ୍ତ ମିଶ୍ର, କୋଷାଧ୍ୟକ୍ଷ ତାରୁନ ଖାଁ, କାର୍ଯ୍ୟକାରୀ କମିଟି ସଦସ୍ୟ ଅଜିତ କୁମାର ମିଶ୍ର, ପ୍ରକାଶ ମହାପାତ୍ର, ଧୀରେନ ପ୍ରଧାନ, ସଞ୍ଜୟ ସ୍ୱାଇଁ, ଭିକାରୀ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

# ମା'ଶୂଳିଆ ଦେବୀଙ୍କ ଅନ୍ତିମ ମଣ୍ଡଳ, ବିଜେ ଉତ୍ସବ

ଖଣ୍ଡପଡା,୬।୫(ଅଜୟ କୁମାର ମହାରଣା): ଖଣ୍ଡପଡା– ବାଣପୁର ପୂର୍ତ୍ତ ବିଭାଗ ରାସ୍ତା ଶୁଳିଆ ଛକ ପାର୍ଶ୍ୱ ତଥା ଶୁଳିଆ ପାହାଡର ଶୀର୍ଷଦେଶରେ ମଙ୍ଗଳବାର ମା'ଶୁଳିଆ ଦେବୀଙ୍କ ଅନ୍ତିମ ମଣ୍ଡଳ ଓ ବିଜେ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗୋପୀନାଥପୁର ଅଞ୍ଚଳର ଶତାଧିକ ମହିଳା ପୁରୁଷ ଏକତ୍ର ହୋଇ ଏକ ପାଟପଟୁଆରରେ ପାହାଡ଼ର ଶୀର୍ଷଦେଶରେ ବିରାଜିତ ମା'ଶୁଳିଆ ଦେବୀଙ୍କ ପୀଠକୁ ଯାଇଥିଲା । ସେଠାରେ କୂଳ ପୁରୋହିତ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ହରିବୋଲ ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ୪୨ ମୌଜାର ମହିଳା ମଣ୍ଡଳ ପକ୍ଷରୁ ମଙ୍ଗଳବାର ପ୍ରଥମ ମଣ୍ଡଳ ମା'ଙ୍କ ଆସ୍ଥାନରୁ ପୂଜାର୍ଚ୍ଚନା କରି ପ୍ରତ୍ୟାବର୍ତ୍ତନ କରିବା ପରେ ପାହାଡ ପାଦ ଦେଶରେ ଅବସ୍ଥିତ ମା ଙ୍କ ମନ୍ଦିର ପରିସରରେ ମଙ୍ଗଳବାର ରାତିରୁ ୪୨ ମୌଜାର ମହିଳା ମଣ୍ଡଳର ୪ହଜାରରୁ ଉର୍ଦ୍ଧ୍ୱ ମହିଳା ଏକତ୍ରୀତ ହୋଇ ରାତିସାରା କୃଷ୍ଣଲୀଳା(ଗୁପ୍ତ ଲୀଳା) ପାଳନ କରିଥିଲେ ।



# ଟ୍ୟାଙ୍କରରେ କାଦୁଆ ଗ୍ରାମବାସୀଙ୍କୁ ଜଳ ଯୋଗାଣ ହେଲା

**ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ**

ଖଣ୍ଡପଡ଼ା,୬।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ବେଣାଗାଡ଼ିଆ ପଞ୍ଚାୟତ ଅଧୀନ କାଦୁଆ ଗ୍ରାମବାସୀ ପାନୀୟ ଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଗ୍ରାମବାସୀଙ୍କୁ ପାନୀୟ ଜଳ ମୁନ୍ଦେ ଯୋଗାଇ ଦେବାରେ ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ବିଫଳ ହୋଇଥିଲେ । ଏବେ ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଉଦ୍ୟମ କ୍ରମେ କାଦୁଆ ଗ୍ରାମବାସୀଙ୍କୁ ମଙ୍ଗଳବାର ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ସୂଚନାଯୋଗ୍ୟ, ମଙ୍ଗଳବାର ଧରିତ୍ରୀରେ ପାଣି ପାଇଁ କାଦୁଆ ଗ୍ରାମବାସୀ ହନ୍ତସନ୍ତ ଶୀର୍ଷକ ଖବର ପ୍ରକାଶ ପାଇଥିଲା । ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନୟାଗଡ଼ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ କାଦୁଆ ଗ୍ରାମବାସୀ ଦାବି କରିଛନ୍ତି ।

# ବଳାତ୍କାର ଅଭିଯୋଗରେ ଜିଆର୍‌ଏସ୍ ଗିରଫ

ଶରଣକୁଳ,୬।୫(ଦୀପକ କର):ଶରଣକୁଳ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ସୋମବାର ରାତିରେ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ ଜିଆରଏସକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଶରଣକୁଳ ଥାନା ବରସାହି ପଞ୍ଚାୟତ ସିଙ୍ଗାରପୁର ଗ୍ରାମର ଜଣେ ମହିଳା ଘରେ ଏକାକୀ ଥିଲେ । ଏହାର ସୁଯୋଗ ନେଇ ସେହି ଗ୍ରାମର ଜିଆରଏସ୍ ସଞ୍ଜୟ କୁମାର ସ୍ୱାଇଁ ତାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ । ସମ୍ପୃକ୍ତା ମହିଳା ପାଟି କରିବାରୁ ଶ୍ୱଶୁର ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଗ୍ରାମବାସୀ ସଞ୍ଜୟଙ୍କୁ ଘରେ ତାଲା ପକାଇ ଅଟକ ରଖି ପୋଲିସକୁ ଖବର ଦେଇଥିଲେ । ଶରଣକୁଳ ପୋଲିସ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ମହିଳାଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ସଞ୍ଜୟଙ୍କୁ ଗିରଫ କରିଛି। ବୁଧବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଭୟଙ୍କ ବୟାନ ରେକର୍ଡ କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

# ଚୋରା ମଦ ଜବତ, ଜଣେ ଗିରଫ

ଦଶପଲ୍ଲା,୬।୫(ପ୍ରକାଶ କୁମାର ପାଣି):

ଦଶପଲ୍ଲା ଅବକାରୀ ବିଭାଗ ତରଫରୁ ସାନଡୁରିଙ୍ଗୀ ଅଞ୍ଚଳରେ ଚଢ଼ାଉ କରାଯାଇ ୧୬ ଲିଟର ଚୋରା ମଦ ଜବତ କରାଯାଇଛି । ଚୋରା ମଦ ନେବା ଅଭିଯୋଗରେ ସୁରଥ ନାୟକଙ୍କୁ ଗିରଫ କରାଯାଇଛି । ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରା ସୂଚନା ଦେଇଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନୁଶ୍ରୀ



@ ସତ୍ୟଭୂଷଣ



@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



ଯଦି କୌଣସି ସମସ୍ୟା ଆସେ– ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର – ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା– ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ। –ଶ୍ରୀମା



# କଫ୍ ସିରପ୍‌ର ମଜା

ଔଷଧର ବ୍ୟବସାୟିକ ଲାଭ ତୁଳନାରେ ମଣିଷ ଜୀବନ ଗୌଣ ହୋଇଗଲାଣି। ଯେଉଁ ଔଷଧ ଘାତକ, ତାହା ଉପରେ କାହାରି ଦୃଷ୍ଟି ନ ରହିଲା ଭଳି ମନେହେଉଛି। ଓଡ଼ିଶାରେ ବିଶେଷକରି ସମ୍ବଲପୁରରୁ ବାରମ୍ବାର ଜବତ ହେଉଥିବା କଫ୍ ସିରପ୍ ଏହା ପ୍ରମାଣ କରୁଛି। ମେ ୫ ତାରିଖରେ ସମ୍ବଲପୁର ପୋଲିସ ସହରର ବିଭିନ୍ନ ସ୍ଥାନରୁ ୫,୦୧୧ଟି କଫ୍ ସିରପ୍ ବୋତଲ ଜବତ କରିବା ସହ ୧୦ ଜଣଙ୍କୁ ଗିରଫ କରିଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ମେ ୪ ତାରିଖରେ ବରଗଡ଼ ପୋଲିସ ୮୩୧ଟି କଫ୍ ସିରପ୍ ବୋତଲ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲା। ଏମାନେ ସମସ୍ତେ ଓଡ଼ିଶାର। କିନ୍ତୁ ପଶ୍ଚିମବଙ୍ଗ ହାଓଡ଼ାରୁ ଏମାନେ କଫ୍ ସିରପ୍ ଆଣି ସମ୍ବଲପୁରର ବିଭିନ୍ନ ସ୍ଥାନରେ ବିକ୍ରି କରିଥା'ନ୍ତି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସମ୍ବଲପୁରରେ ଏହା ପ୍ରଥମ ଘଟଣା ନୁହେଁ। ଅତୀତରେ ମଧ୍ୟ ବିପୁଳ ପରିମାଣରେ କଫ୍ ସିରପ୍ ଜବତ ହୋଇଛି। ଚଳିତବର୍ଷ ଫେବୃଆରୀ ୧୦ରେ ସମ୍ବଲପୁରରୁ ୧୨୮୭ ବୋତଲ ସିରପ୍ ଜବତ ହୋଇଥିଲା। ଏହା ସହ ୯ ଅକ୍ଟୋବର ୨୦୨୩ରେ ୫ ହଜାରରୁ ଅଧିକ ଏବଂ ୨୫ ମାର୍ଚ୍ଚ ୨୦୨୪ରେ ପାଖାପାଖି ୧୬ ହଜାର କଫ୍ ସିରପ୍ ବୋତଲ ଜବତ ହେବା ବେଧଡ଼କ ବେଆଇନ କାରବାରକୁ ସୂଚିତ କରୁଛି। ଦେଖିବାକୁ ଗଲେ ସମ୍ବଲପୁର କଫ୍ ସିରପ୍‌ର ପେଣ୍ଠ ପାଲଟିଗଲାଣି। ଏବେ ସମ୍ବଲପୁରରୁ ମୁଖ୍ୟତଃ କୋରାକ୍ସ ଓ ଉିକ୍ସିରେକ୍ସ କଫ୍ ସିରପ୍ ଜବତ ହେଉଛି, ଯାହା ବିନା ପ୍ରେସ୍କ୍ରିପସନରେ ଏସବୁ ବିକ୍ରି କରାଯାଇପାରିବ ନାହିଁ। କିନ୍ତୁ ଚୋରାରେ ଏହାକୁ ମାଦକ ଦ୍ରବ୍ୟ ଅର୍ଥାତ୍ ନିଶା ଦ୍ରବ୍ୟ ଭାବେ ବିକ୍ରି କରାଯାଉଛି। ପୂର୍ବରୁ କଳାବଜାରରେ ନକଲି ଔଷଧ ପ୍ରସ୍ତୁତକାରୀମାନେ ସକ୍ରିୟ ଥିଲେ। ଏବେ ବାହ୍ୟ ରାଜ୍ୟଠାରୁ ଅସଲି ଔଷଧ କିଣି ଆଣି ମାଦକ ଦ୍ରବ୍ୟ ଭାବେ ବିକ୍ରି କରିବାରେ ନୂଆ ଗ୍ୟାଙ୍ଗ ଗଢ଼ି ଉଠିଲାଣି। ଏଥିସହିତ ନିଶା ସେବନକାରୀମାନେ ବିନା ପ୍ରେସ୍କ୍ରିପ୍ସନରେ ଏହିସବୁ କଫ୍ ସିରପ୍ କିଣି ନେଇଯାଉଛନ୍ତି। ଏହିସବୁ ସିରପ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ, ବିଶେଷକରି ପିଲାମାନଙ୍କ ପାଇଁ ଘାତକ।

ସମ୍ବଲପୁରରୁ ଜବତ ହେଉଥିବା କଫ୍ ସିରପ୍ ମାମଲାରେ ବେଆଇନ କାରବାରରେ ଜଡ଼ିତ ଲୋକଙ୍କୁ କେବଳ ଗିରଫ କରାଗଲେ ଏହାର ସମାଧାନ ବାଟ ବାହାରିବା କଷ୍ଟକର। ଏଠାରେ କୁହାଯାଇପାରେ ଯେ, କୌଣସି ରାଜ୍ୟ ସରକାର କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ମଧ୍ୟ କିଛି ପରିବର୍ତ୍ତନ ଦେଖାଯିବ ନାହିଁ। ଯେଉଁ ଔଷଧ କାରଖାନାରେ ଏସବୁ କାଶ ଔଷଧ ନିର୍ମିତ ହେଉଛି, ସେଠାରେ କୌଣସି ବେଆଇନ କାର୍ଯ୍ୟ ହେଉଥିବାର ପ୍ରମାଣ ମିଳିବା ଅସମ୍ଭବ। ଏହି ଉପଦ୍ରବକୁ ରୋକିବା ପାଇଁ ପୋଲିସର ଭୂମିକା ଅତ୍ୟନ୍ତ ଅର୍ଥହୀନ। କାରଣ ପୋଲିସ କିଛି କରିପାରିବ ନାହିଁ। ଗୋଟିଏ ପଟେ ନିଶାସକ୍ତଙ୍କ ମଧ୍ୟରେ ସଚେତନତା ଜାଗ୍ରତ କରିବା ସହିତ ଅନ୍ୟପଟେ ଡ୍ରଗ୍ ଇନ୍ସପେକ୍ଟରମାନଙ୍କ ଦ୍ୱାରା କଡ଼ାକଡ଼ି ନିରୀକ୍ଷଣ କରାଇବା ଏକମାତ୍ର ବାଟ ବୋଲି କୁହାଯାଇପାରିବ। କାଶ ରୋକିବା ପାଇଁ ଔଷଧର ଚାହିଦା ରହିବା ସ୍ୱାଭାବିକ। ସମସ୍ୟାଟି ଉପୁଜୁଛି ଯେତେବେଳେ ତାହାର ଅପବ୍ୟବହାର ହେଉଛି। ଭାରତରେ ତିଆରି ହେଉଥିବା କଫ୍ ସିରପ୍ ଇତିହାସ ବିଦେଶରେ ମଧ୍ୟ ବଦନାମ ଅର୍ଜନ କରିଛି। ଉଦାହରଣ ସ୍ୱରୂପ, ୨୦୨୨ରେ ଗାମ୍ବିଆରେ, ଭାରତର ହରିୟାଣାରେ ଉତ୍ପାଦିତ କଫ୍ ସିରପ୍ ସେବନ କରି ୭୦ ଜଣ ପିଲାଙ୍କର କିଡ଼ନୀ ନଷ୍ଟ ହେବା ସହ ମୃତ୍ୟୁ ଘଟିବା ଖବର ସାମ୍ନାକୁ ଆସିଥିଲା। ପରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏସବୁ ସିରପ୍‌ର ଗୁଣବତ୍ତା ମାନ ପୂରଣ କରୁ ନ ଥିବା ଦର୍ଶାଇଥିଲା। ତଥାପି ଏହାର ଉତ୍ପାଦନ ଓ ଯୋଗାଣ ଉପରେ ଅଙ୍କୁଶ ଲାଗିପାରୁନାହିଁ। କେବଳ କଫ୍ ସିରପ୍ ନୁହେଁ, ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରେ ବିଷାକ୍ତ ଔଷଧ ବେଆଇନ ଭାବେ ବିକ୍ରି ହେଉଛି। ଚଳିତବର୍ଷ ଶେଷାର୍ଦ୍ଧରେ ଦି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ବା ଭାରତୀୟ ଔଷଧ ମହାନିରୀକ୍ଷକ ୧୯ଟି ଔଷଧକୁ ବିଷାକ୍ତ ଘୋଷଣା କରିଥିଲା। ଉଲ୍ଲେଖନୀୟ ଯେ, ବିଷାକ୍ତ ଘୋଷିତ ୧୯ଟି ଔଷଧ ମଧ୍ୟରେ ରକ୍ତଚାପକୁ ନିୟନ୍ତ୍ରଣରେ ରଖୁଥିବା ଗ୍ଲେନ୍ମାର୍କର ଟେଲ୍ମା ଏଚ୍ ଓ ପିଭେକୋଷ ପଥର ଚିକିତ୍ସାରେ ବ୍ୟବହୃତ ସନ୍‌ଫାର୍ମାର ଉର୍ସୋକୋଲ ୩୦୦ ରହିଥିଲା। ତେବେ ଦୁଇ ବୃହତ୍ ଭାରତୀୟ କମ୍ପାନୀର ଔଷଧ ନିୟାମକର ଗୁଣବତ୍ତା ଓ ସୁରକ୍ଷା ମାନକ ପୂରଣ ନ କରିପାରିବାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏହା ବ୍ୟତୀତ ସେପ୍ଟେମ୍ବର ୨୦୨୩ରେ ଭାରତର ଶୀର୍ଷ ରେଗୁଲେଟର କୁହାଯାଉଥିବା ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ ଦ୍ୱାରା ଦେଶରେ ବିକ୍ରି ହେଉଥିବା ନକଲି କ୍ୟାନ୍ସର ଓ ଲିଭର ମେଡିସିନ ଉପରେ ସତର୍କତା ଜାରି କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଏ ସମ୍ପର୍କରେ ଚିନ୍ତା ପ୍ରକଟ କରିଥିଲା। ଉତ୍ପାଦିତ ଔଷଧଗୁଡ଼ିକୁ ସ୍ୱୀକୃତି ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ନିୟାମକ ସଂସ୍ଥାମାନେ କଡ଼ା ଯାଞ୍ଚ ଓ ପଦକ୍ଷେପ ନେଲେ ହୁଏତ ଔଷଧଗୁଡ଼ିକର ଗୁଣବତ୍ତା ରକ୍ଷା ହୋଇପାରନ୍ତା। କିନ୍ତୁ ସ୍ୱାଭାବିକ ଭାବେ ବିପୁଳ ଅର୍ଥ ଅର୍ଜନ କରୁଥିବା ଔଷଧକମ୍ପାନୀଗୁଡ଼ିକ ସରକାରୀ ଯାଞ୍ଚ ସଂସ୍ଥାମାନଙ୍କୁ ଯଥେଷ୍ଟ ଖୁସି କରି ରଖିଥା'ନ୍ତି। ତେଣୁ ସମ୍ବଲପୁରରେ ମୁଣ୍ଡ ଟେକିଥିବା କଫ୍ ସିରପ୍‌ର ମନ୍ଦ ବ୍ୟବହାରକୁ ଅଟକାଇବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଭାବେ ମନେହେଉଛି।

# ରେକର୍ଡ ମାୟାରେ ବାୟା



ନିରଞ୍ଜନ ସାହୁ

ରେକର୍ଡ କରିବାର ନିଶା ଗୋଟିଏ ଗଡ଼ିବାର ନିଶା ନା ଭାଙ୍ଗିବାର, ତାହା ଅନେକ ସମୟରେ ଏକ ପ୍ରଶ୍ନବାଚୀ ପାଲଟିଯାଏ। ନୂଆ ରେକର୍ଡ ହେଉ ହେଉ ପୁରୁଣାଟି ଆପେ ଆପେ ଭାଙ୍ଗିଯାଏ, ତାକୁ ଭାଙ୍ଗିବାକୁ ପଡ଼େନା। ସେଇଥାକୁ ଲକ୍ଷ୍ୟ କରି ବୋଧହୁଏ, କେବେ କବିଙ୍କ ଲେଖନୀରୁ ଝରି ଆସିଥିଲା ହୃଦୟଗ୍ରାହୀ ପଦଟିଏ– 'ଏକର ବିନାଶେ ଆରେକ ପ୍ରକାଶେ ଏତ ସୃଷ୍ଟି ନିତ୍ୟ ବିଧି।'

ଏବେ ଖୁବ୍ ନିକଟରେ ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଆମେରିକାର ଡିମୋକ୍ରାଟ ଦଳର ସିନେଟର କୋରୀ ବୁକର–ସେ ବିନା ବିରାମରେ ପଚିଶ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ସିନେଟରେ ଭାଷଣ ଦେଇ ନିଜ ନାଁରେ ଯୋଡ଼ିଛନ୍ତି ଏଇ କୀର୍ତ୍ତି। ଏକାଦିକ୍ରମେ କହିଲେ, ଯଦିଓ ଦୁହେଁ ସେ ଏକୁଟିଆ ହିଁ କହୁଥିଲେ, ତା' ନୁହେଁ ମଝିରେ ମଝିରେ ତାଙ୍କୁ କିଛି ପ୍ରଶ୍ନ ପଚରା ଯାଉଥିଲା ଓ ତା'ର ସେ ଉତ୍ତର ଦେଉଥିଲେ। ଅର୍ଥାତ୍ ମଝିରେ ମଝିରେ ଟିକିଏ ନିଶ୍ୱାସ ନେବାକୁ ତାଙ୍କୁ ଆପେ ଆପେ ଫୁରୁସତ୍ ମିଳିଯାଉଥିଲା ସେଇ କ୍ରମରେ। ଅବଶ୍ୟ ତାଙ୍କ ଦେଶର ଆଇନ ଯେମିତି କରିବାକୁ ଅନୁମତି ରହିଛି। ତାଙ୍କ ଆଗରୁ ଷ୍ଟ୍ରମ ଥର୍ମାଣ୍ଡଙ୍କ ନାଁରେ ଥିଲା ରେକର୍ଡଟି ଥିଲା, ଯିଏ କି ୧୯୫୭ରେ ଚବିଶଘଣ୍ଟା ଅଠରମିନିଟ୍‌ଭାଷଣ ଦେଇ ରେକର୍ଡ ସୃଷ୍ଟି କରିଥିଲେ।

ରେକର୍ଡ କହିଲେ, ସାଧାରଣ ଭାବରେ ଗୋଟାଏ ଧାରଣା ରହିଛି, ଏକ ବିଶେଷ ସ୍ୱୀକୃତିର ତାହା ହେଲା ଯେମିତି କେହି ଜଣେ ଅସାଧାରଣ କୀର୍ତ୍ତିର ଅଧିକାରୀ ହେଲେ ତାଙ୍କୁ 'ରେକର୍ଡ କଲେ' ବୋଲି କୁହାଯାଏ। ତାଙ୍କ ଉପରେ ଫୁଲ ବର୍ଷାହୁଏ, କେବେ ପୁରସ୍କାର ମିଳେ, ଅନେକ ଲୋକଙ୍କର ନଜର ତାଙ୍କ ଉପରେ ପଡ଼େ। ଅନେକ ରେକର୍ଡ ନିତିଦିନ ତିଆରି ହୁଏ ପରିମିତି ରେକର୍ଡ ନିଶା ଏବେ ବଢ଼ିଯାଇଛି ଯେ ସଂପୃକ୍ତ କାମଟି ଉପଯୋଗୀ କି ନୁହେଁ ତାକୁ ବୁଝିବାକୁ ଆଜି ଯେମିତି କାହାରି ବେଳ ନାହିଁ।

କେହି ଜଣେ ଜମି କିଣିଲା ପରେ ତାକୁ ନିଜ ନାଁରେ କରେଇ ନିଅନ୍ତି– ଯାହାକୁ ଦଖଲ ଖାରଜ କୁହାଯାଏ। ଅର୍ଥାତ୍ ପୁରୁଣା ମାଲିକଙ୍କ ନାଁ ଖାରଜ ହୁଏ ଏବଂ ନୂଆ କ୍ରେତାଙ୍କ ନାଁ ସେଇ ଦରଜ ହୁଏ। ଏଥିରୁ ଆମେ ଅନୁମାନ କରିପାରିବା ରେକର୍ଡ ଅର୍ଥ କିଛି ଉଲ୍ଲେଖଯୋଗ୍ୟ କୃତି ନୁହେଁ ବରଂ ଯେତେ ମାମୁଲି ଜିନିଷ ଲେଖା ହୋଇ ରହିଲେ ତାହା ରେକର୍ଡ ପର୍ଯ୍ୟାୟଭୁକ୍ତ ସେଇ ଦୃଷ୍ଟିରୁ ଆମମାନଙ୍କ ମନଭିତରେ ରହିଥିବା ଧାରଣା ହୁଏତ ସଂଶୋଧନ ସାପେକ୍ଷ।

ଆଗରୁ ଗୋଟିଏ କଥା ଗାଁ ଗହଳିରେ ପ୍ରଚଳିତ




ଥିଲା– ସେଇଟି ହେଲା– ମନ୍ଦିର ତୋଳିଲେ ନାଁ, ବାଟରେ ଝାଡ଼ାଗଲେ ବି ନାଁ। ଅର୍ଥାତ୍ ଭଲ କାମ କଲେ ତାହା ନଥିରେ ଚଢ଼େ ଖରାପ କାମରେ ବି। ଅବଶ୍ୟ ପାଠକେ ବୁଝିବା କଥା, ପ୍ରଥମଟି ହେଲା ନାଁ କରିବା ଆଉ ଦ୍ୱିତୀୟଟି ହେଲା ନାଁ ପକେଇବା; ଉଭୟରେ ଯଦିଓ ନାଁ ଶବ୍ଦଟି ରହିଛି ପ୍ରଥମଟିରେ ଏହାର ବ୍ୟବହାର ଏକ ସକାରାତ୍ମକ କ୍ଷେତ୍ରର ଉପଲବ୍ଧି ଏବଂ ଦ୍ୱିତୀୟ କ୍ଷେତ୍ରରେ ତାହା ଏକ ନକାରାତ୍ମକ ଟିପ୍ପଣୀ, ଯାହା ଆଣିଦିଏ ଅପଯଶ। ମାତ୍ର ଆଜିକାଲି ଲୋକମାନେ ଯାହା ହେଲେ ବି ଗୋଟେ ଅପଦେଇବା ଚାହାନ୍ତି।

ଆଜିକାଲିର ଯୁବ ପିଢ଼ିଙ୍କ ଭିତରେ ଏକ ପ୍ରବଣତା ସୃଷ୍ଟି ହୋଇଛି ଯେମିତି ଯେନତେନ ପ୍ରକାରେଣ ତାଙ୍କର ରେକର୍ଡ ଦରକାର। ଆଉ ସେମିତି ସାର୍ଟିଫିକେଟ ବାଣ୍ଟିବାପାଇଁ ଅନୁଷ୍ଠାନମାନଙ୍କର ବି ଅଭାବ ନାହିଁ, ଯେମିତି ଗିନିଜ ବୁକ୍ ଅଫ୍ ରେକର୍ଡସ, ଲିମକା ବୁକ୍ ଅଫ୍ ରେକର୍ଡସ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ ଇତ୍ୟାଦି।

ରେକର୍ଡ କହିଲେ, ଆମ ଭିତରୁ ଯେମିତି କେହି ମନେ ପକେଇ ଦିଏ– କିଛି ଗୋଟାଏ ପରୀକ୍ଷା ହେଉଥିବ ଯିଏ ସବୁଠୁ ବେଶି ନମ୍ବର ରଖିଲା, ତାକୁ କୁହାଯାଏ ସିଏ ରେକର୍ଡରେ ଅଧିକାରୀ କିମ୍ବା ଗୋଟିଏ ସ୍ପୋର୍ଟ୍ସ କମ୍ପିଟିସନ୍ ହେଉଥିଲେ ଯିଏ ସର୍ବୋତ୍ତମ ସ୍ଥାନ ଅଧିକାର କରେ ସିଏ ହୁଏ ରେକର୍ଡର ଅଧିକାରୀ। କ୍ରିକେଟ ଆଜିକାଲି ଯୁବପିଢ଼ିଙ୍କ ମନ ଭିତରେ ଯେମିତି ପଶିଯାଇଛି ସେ ଗୋଟିଏ ଆଇ.ପି.ଏଲ୍. ମ୍ୟାଚ ଦେଖିବାକୁ ହଜାର ହଜାର କିଲୋମିଟର ଯାଇ ତାହା ଦେଖିବାକୁ ନିଜ ନିଜ ଭିତରେ ପ୍ରତିଯୋଗିତା ଚାଲିଛି। କ୍ରିକେଟ ଏତେ ଅଧିକ ଲୋକପ୍ରିୟ ହେବାର ଆଉ ଗୋଟିଏ ବିଶେଷ କାରଣ ହେଲା ସେଥିରେ ରେକର୍ଡ ସଂଖ୍ୟା ଅନ୍ୟ ଯେକୌଣସି ଖେଳଠୁ ଅଧିକ। କଣ୍ଟିଏ ବୋଲିଙ୍ଗ ହେବା ମାତ୍ରେ ରେକର୍ଡରେ ତାହା ଯୋଡ଼ି ହୋଇଯାଏ। ଏମିତି କି ଗୋଟିଏ ଇନିଂସ ଭିତରେ କିଏ କେତୋଟି ଚାରି ବା ଛଅ ମାରିଲା ତାକୁ ନେଇ ବି ରେକର୍ଡ।

ଆଉ ଯେଉଁ ରେକର୍ଡ ଦେବାପାଇଁ ସଂସ୍ଥାମାନେ ଅଛନ୍ତି ସେମାନେ ଯୁବପିଢ଼ିଙ୍କ ମନ ଆଉ ମଗଜକୁ ଠିକ୍ ତଉଲିଥାନ୍ତି। ଧରନ୍ତୁ ଆପଣ ଲିମ୍କା ବୁକ୍ ଅଫ୍ ରେକର୍ଡସ୍‌କୁ ଜଣେଇଲେ ଆପଣ ବିଧାମାଟି ଗୋଟିଏ ମିନିଟ୍‌ରେ ସର୍ବାଧିକ ପଇଡ଼ ଫଟେଇ ପାରିବେ– ଆପଣଙ୍କୁ ଗୋଟିଏ ଭିଡିଓ ପଠେଇବା ପାଇଁ ସେମାନେ କହିପାରନ୍ତି ଏବଂ ଆପଣ ତାଙ୍କର ନିୟମ ମୁତାବକ ଦେୟ ଡିପୋଜିଟ୍ କଲେ ତାଙ୍କ ତରଫରୁ ପର୍ଯ୍ୟବେକ୍ଷକ ନିର୍ଦ୍ଦିଷ୍ଟ ଦିନରେ ଆପଣଙ୍କ ପ୍ରସ୍ତାବିତ ସ୍ଥାନରେ ପହଞ୍ଚିବେ। ଆପଣ ଯେଉଁ କଳା ପ୍ରଦର୍ଶନ କରିବେ ତା'ର ଭିଡିଓ କରିବା ସହିତ ଆପଣଙ୍କୁ ଗୋଟିଏ ସାର୍ଟିଫିକେଟ ପରେଇ ଦେବେ। ଅର୍ଥାତ୍ ଆପଣ ବିଧାମାଟି ମିନିଟରେ ଏତେ ସଂଖ୍ୟକ ପଇଡ଼ ଫଟେଇଛନ୍ତି। ଅଦ୍ଭୁତ ରକମର ଖେଳକୁ ଏଇ

ପର୍ଯ୍ୟାୟରେ ଗ୍ରହଣ କରାଯାଇପାରେ– ଯାହାର କୌଣସି ଠିକଣା କି ପରିଭାଷା ଖେଳ ଜଗତରେ ନାହିଁ– ମାତ୍ର ଆପଣ ଗୋଟିଏ ରେକର୍ଡର ଅଧିକାରୀ ହେଲେ ବୋଲି ପରିଗଣିତ ହେବେ, ଯାହାର କୌଣସି ଉପଯୋଗିତା ନାହିଁ। ଯାହାର ସାମାଜିକ ଯଥାର୍ଥ ନାହିଁ, ସେପରି ରେକର୍ଡ ବା ପ୍ରଶଂସାପତ୍ରର କିଛି ଆବଶ୍ୟକତା ଅଛି କି? ଯେମିତି କିଏ ମିନିଟିଏ ସମୟରେ ଶହେପାଞ୍ଚ ଅଣ୍ଡା ଗିଳିଲା, କିଏ ଏକ ଗୋଡ଼ିଆ ହୋଇ ଦେଉଡ଼ିବା ଠିଆ ହେଲା ଇତ୍ୟାଦି।

ବହୁ ପ୍ରାଚୀନ କାଳରେ ଭଗବାନଙ୍କ ନିକଟରେ ଲୋକେ ନିଜର ସନ୍ତାନ ସନ୍ତତିଙ୍କ ପାଇଁ କିଛି ଯାଚୀ କଲାବେଳେ ଶ୍ଳୋକ ପାଠ କରୁଥିଲେ। 'ଆୟୁଦେହି ଯଶୋ ଦେହି ଦେହି ମେ ଗଣନାୟକ', ଅର୍ଥାତ୍ କେବଳ ଆୟୁଷ ଦେଲେ ତାହା କୌଣସି କାମକୁ ନୁହେଁ ଯଦି ସେଇ ସମୟ ଭିତରେ ମଣିଷ ଯଶର ଅଧିକାରୀ ନ ହେଲା। ମନେପଡ଼ୁଛି ପୁତନାଙ୍କ ମୁହଁରେ ଅବତାରଣା କରାଯାଇଥିବା ଏକ ସଂସ୍କୃତ ଶ୍ଳୋକର ଅର୍ଥ– ଯେମିତି ପୃଥିବୀ ତୁଳନାରେ ପୃଥିବୀରେ ଥିବା ପର୍ବତ ସାନ ମାତ୍ର ଶବ୍ଦଟିଏ ଅନୁସାରେ ତାହା ପୃଥିବୀଠାରୁ ଭାରୀ କାରଣ ପର୍ବତକୁ କୁହାଯାଏ ମହୀଧର। ପର୍ବତକୁ ନିଜର ଅଙ୍ଗୁଳିରେ ଟେକି ଧରିଥିଲେ ବୋଲି ଶ୍ରୀକୃଷ୍ଣଙ୍କୁ କୁହାଯାଏ ଗୋବର୍ଦ୍ଧନଧାରୀ। ହେଲେ ସେଇ ଶ୍ରୀକୃଷ୍ଣଙ୍କୁ ପୁତନା ଯେହେତୁ ନିଜର ସ୍ତନପାନ କଲାବେଳେ ସ୍ତନାଗ୍ରରେ ଟେକି ଦେଇଥିଲା ସେଇ କ୍ରମରେ ସେ କହୁଛି ମୋତେ ଶ୍ରୀକୃଷ୍ଣଙ୍କଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେକରାଯିବା କଥା ମାତ୍ର ସତରେ ତାହା ହେଲା କି ତାହା ଥିଲା ଏକ ଘୃଣାକାମ। ସେ ଆସିଥିଲା କଂସର ନିର୍ଦ୍ଦେଶରେ ଶ୍ରୀକୃଷ୍ଣଙ୍କୁ ବଧ କରିବାପାଇଁ। ତେଣୁ ତାହାର ସାମୟିକ କର୍ମ ପାଇଁ ତାଙ୍କୁ ଜୀବନ ସାରା ଲଜ୍ଜା ସହିବାକୁ ହେଲା। ସଂକ୍ଷିପ୍ତରେ କହିଲେ ଯେଉଁ କାମ କଲେ ଜଣେ ଯଶପ୍ରାପ୍ତି କରେ ତାହାସିନା ଯୁବପିଢ଼ିଙ୍କର ଧ୍ୟେୟ ହୁଅନ୍ତା। ତୁଚ୍ଛା ରେକର୍ଡ ଖୋଜି ପୁତନାର ଦୀର୍ଘଶ୍ୱାସ ସିନା– ଏଇଥି କ'ଣ ମନେରଖିବେ ଆଜିର ଯୁବସମାଜ।

ମୋ: ୯୪୩୮୪୮୨୯୧୧

# ଶିକ୍ଷା ବନାମ ସାକ୍ଷରତା



ଇପ୍ସିତା ମହାନ୍ତି

୧୯୭୬ରେ ପ୍ରଥମ ଥର ପାଇଁ 'ସମ୍ପୂର୍ଣ୍ଣ ପାଇଁ ଶିକ୍ଷା'ର ନାରା (ସ୍ଲୋଗାନ) ଦିଆଯାଇଥିଲା। ଯାହା ଏଯାଏ ଶୁଭୁଛି। ଏହା ନୂଆ ନୁହେଁ। ଏପ୍ରିଲ ୨୦୨୫ରେ ଅର୍ଥାତ୍ ଶିକ୍ଷାବର୍ଷ ୨୦୨୫–୨୬ରୁ ଆମ ରାଜ୍ୟରେ ନୂତନ ଶିକ୍ଷାନୀତି ୨୦୨୦ କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ବିଦ୍ୱାନ ବିଜ୍ଞପ୍ତି ପ୍ରକାଶ ପାଇଛି। ସମସ୍ତଙ୍କ ପାଇଁ ଶିକ୍ଷା ଉପଲବ୍ଧ ହେବା ଉଚିତ, ସମସ୍ତେ ଶିକ୍ଷିତ ହେବା ଉଚିତ ଏକଥା ଭାରତର ସମ୍ବିଧାନରେ ସ୍ପଷ୍ଟ ଭାବେ ଲେଖା ରହିଛି। ଶିକ୍ଷାର ସାର୍ବଜନୀନକରଣ ହେବା ଉଚିତ। କିନ୍ତୁ ଏସବୁର ଉଦ୍ଦେଶ୍ୟ କ'ଣ ? ଶିକ୍ଷା କ'ଣ ଲୋକମାନଙ୍କୁ ପଢ଼ିବା ଏବଂ ଲେଖିବାର କ୍ଷମତା ଦେବ ? ଅବା ଶିକ୍ଷା ଦ୍ୱାରା ଲୋକଙ୍କ ମଧ୍ୟରେ ଏପରି କିଛି ଶକ୍ତି ଜାଗ୍ରତ ହେବ, ଯଦ୍ୱାରା ସେମାନେ ଦୁର୍ବଳ ଅନୁଭବ କରିବେ ନାହିଁ ଏବଂ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ଅନୁଭବ କରିବା ପରିବର୍ତ୍ତେ ନିଜ ମଧ୍ୟରେ ଭିନ୍ନ ଏକ ଶକ୍ତି ଜାଗ୍ରତ କରିପାରିବେ ? ବାସ୍ତବରେ ଶିକ୍ଷା ସେହି ଶକ୍ତିକୁ ଜାଗ୍ରତ କରିଥାଏ, ଗୁଣକୁ ଅର୍ଜିତ କରିବା ସହିତ ବିକଶିତ କରିଥାଏ। ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ଜାଗ୍ରତ କରିବା। କୌଣସି ନୂତନ ଆଣିବା ପରିବର୍ତ୍ତେ ଶିକ୍ଷା ବ୍ୟକ୍ତିର ଅନ୍ତର୍ନିହିତ ଶକ୍ତିକୁ ବିକଶିତ କରିଥାଏ। କିନ୍ତୁ କିଭଳି ଏବଂ କେତେ ବିକାଶ ଘଟିବ ତାହା ନୂତନ ଶିକ୍ଷାନୀତିର ଶିକ୍ଷା ବ୍ୟବସ୍ଥା ଉପରେ ନିର୍ଭର।

ଯେତେବେଳେ ଆମେ ଶିକ୍ଷା ଓ ଶିକ୍ଷିତ ପ୍ରସଙ୍ଗ ଉପରେ ଆଲୋଚନା କରୁ ସେତେବେଳେ କୃଷକ ପ୍ରଶ୍ନ କରେ ଏଥିରୁ ମୁଁ କି ଲାଭ ପାଇବି ! ମହିଳାମାନେ ପଚାରନ୍ତି ଏଥିରୁ ଆମକୁ କି ଲାଭ ମିଳିବ ! ଯେଉଁମାନେ ଚାଷ କରିବା ଜାଣନ୍ତି, ସେମାନେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇ ପାରନ୍ତି । ନିଜ ପାଇଁ ଆୟ କରିପାରନ୍ତି। ପଢ଼ିବା ଏବଂ ଲେଖିବା ଯେ ସେମାନଙ୍କୁ କୌଣସି ବିଶେଷ ଲାଭ ପ୍ରଦାନ କରିବ! ଶିକ୍ଷା ସେମାନଙ୍କୁ ନୂତନ ସୂଚନା ଦେବ! ଏଥିରୁ ସେମାନେ କିଛି ନୂଆ ଶିଖିବେ! ନୂତନ ଆଲୋକ ପାଇବେ! ଆମେ ଏପରି ପ୍ରଶ୍ନର ଉତ୍ତର ହଁରେ ଦେବାକୁ ଅସମର୍ଥ। ଆମେ କେବଳ ଏହା କହିଥାଉ ଯେ ପଢ଼ିବା ଏବଂ ଲେଖିବା ଦ୍ୱାରା ଅନ୍ଧକାର ଦୂର ହେବ। ଯଦି ଆମେ କିଛି ଲେଖାପଢ଼ା ଶିଖିଯିବା ତେବେ ପୂର୍ବ ତୁଳନାରେ ଆମେ ଭଲରେ ହୋଇଯିବା। 'କ–ଖ–ଗ' ଅକ୍ଷର କହିଲ କିଛି ଅକ୍ଷର ପଢ଼ିଦେଲେ ଯେ ପୂର୍ବାପେକ୍ଷା ଉନ୍ନତତର ହୋଇଯିବା ଏକଥାର ମର୍ମ ଏଯାଏ ବୁଝି ହୁଏନି। ଶିକ୍ଷା ଯେ ପର୍ଯ୍ୟନ୍ତ ସୁପ୍ତ ଥିବା ଶକ୍ତିକୁ ଜାଗ୍ରତ ନ କରାଇଛି ସେ ପର୍ଯ୍ୟନ୍ତ କୌଣସି ବ୍ୟକ୍ତିର ଗୁଣଗୁଡ଼ିକ ବିକଶିତ ହେବନାହିଁ

ଏହାକୁ ଶିକ୍ଷା କୁହାଯାଇ ପାରିବ ନାହିଁ। ନିଜ ସମସ୍ୟାର କିପରି ବିଶ୍ଳେଷଣ କରିବ, ସମାଧାନର ପନ୍ଥା କିପରି ଖୋଜିବ, ସାମୂହିକ ଭାବରେ ଏହାର ସମାଧାନ କିପରି କରାଯିବ – ଏହି ବିଷୟଗୁଡ଼ିକ ଉପରେ ଶିକ୍ଷା ଯେ ପର୍ଯ୍ୟନ୍ତ ଆଲୋଚନା ନ କରିଛି, ସେ ପର୍ଯ୍ୟନ୍ତ ଏହା ଲୋକଙ୍କୁ ସାମୂହିକ ଭାବରେ ବଞ୍ଚିବାକୁ ଶିଖାଏ ନାହିଁ ଏବଂ ସାମୂହିକ ଭାବରେ ନିଜ ଶକ୍ତି ଜାଗ୍ରତ କରିବାକୁ ଲକ୍ଷ୍ୟ ରଖି ନାହିଁ, ସେ ପର୍ଯ୍ୟନ୍ତ ଆଗକୁ ବଢ଼ିବା ସମ୍ଭବ ନୁହେଁ।

ସର୍ବଶିକ୍ଷା ନିଜେ ଅତିବ୍ୟାପକ। ବ୍ୟକ୍ତିତ୍ୱ ଆଉ ସମାଜର ପରିବର୍ତ୍ତନ ତଥା ଜାଗୃତି ପାଇଁ ସର୍ବଶିକ୍ଷା ଅଭିଯାନ ଆବଶ୍ୟକ। ସାକ୍ଷରତା ବିଷୟରେ ଜନସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଲୋକଙ୍କ ଶକ୍ତି ଜାଗ୍ରତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାକ୍ଷରତା ଅଭିଯାନ ବିଷୟରେ ଆଲୋଚନା କରିବା ପୂର୍ବରୁ, ପ୍ରଥମେ ସାକ୍ଷରତା



୩. ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ସୁନ୍ଦରଗଡ ଜିଲ୍ଲା, କୋଇଡା ତହସିଲ ଅନ୍ତର୍ଗତ ସାନିନ୍ଦପୁର ଏବଂ ଓରାଘାଟ ଠାରେ ୧୪୭.୧୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ପ୍ରସ୍ତାବିତ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ/ ପରିଚାଳନା ଉପରେ ୪୮.୯% ବୃଦ୍ଧି) ଲୁହାପଥର ଉତ୍ପାଦନକୁ ୨୬.୮୨୭ ମିଲିଅନ ଟିପିଏ (ଆରଓଏମ:୨୦.୮୫ ମିଲିଅନ ଟିପିଏ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ୨.୦୮୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ+୩.୮୯୨ ମିଲିଅନ ଟିପିଏ ବର୍ଜ୍ୟ) ରୁ ୨୮.୭୩୭୫ ମିଲିଅନ ଟିପିଏ ମୋଟ ପଦାର୍ଥ ପରିଚାଳନା (୨୨.୩୩୫ ମିଲିଅନ ଟିପିଏ ଆରଓଏମ+ପୁରୁଣା ଷ୍ଟାକ୍ ଏବଂ ଡମ୍ପରୁ ନିମ୍ନ ମାନର ଖଣିଜ ୨.୨୩୩୫ ମିଲିଅନ ଟିପିଏ ଡ୍ରାଏ କ୍ରସିଂ ଏବଂ ସ୍କ୍ରିନିଂ + ୪.୧୬୯ ମିଲିଅନ ଟିପିଏ ବର୍ଜ୍ୟ) ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି, ୨୦୦୬ ଅନ୍ତର୍ଗତ ପାରା ୭ (ii) (a)ର ବ୍ୟବସ୍ଥା ଏବଂ ପରବର୍ତ୍ତୀ ସଂଶୋଧନ ଅନୁଯାୟୀ ଜନ ପରାମର୍ଶ ପାଇଁ ଅନୁରୋଧ କରାଯାଇଛି ।

୪. ଉଲ୍ଲିଖିତ ତାରିଖ ୧୧ ଏପ୍ରିଲ ୨୦୨୨ ସ୍ମାରକପତ୍ର (O.M.) ଅନୁଯାୟୀ ପର୍ଯ୍ୟାୟକ୍ରମେ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଜନଶୁଣାଣି କୁ ଛାଡ କରାଯାଇଛି, ଯାହା ପ୍ରକଳ୍ପ ପ୍ରସ୍ତାବକ EIA ବିଜ୍ଞପ୍ତି ୨୦୦୬ର ପାରା ୭ (ii) (a) ଅନୁଯାୟୀ ଆବଶ୍ୟକ ଫର୍ମରେ PARIVESH ପୋର୍ଟାଲରେ ଆବେଦନ କରି ମାନକ ToRs ଉପରେ ଆଧାରିତ ସଂଶୋଧିତ EIA/ EMP ରିପୋର୍ଟ ସହିତ ଆବେଦନ କରିଥିବା ଉପରେ ନିର୍ଭର କରେ । ଉପରୋକ୍ତ ବ୍ୟତୀତ ୪୦% ରୁ ୫୦% ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ, EIA ବିଜ୍ଞପ୍ତି ୨୦୦୬ର ପାରା ୭ III (ii) (b) ଅନୁଯାୟୀ ଜନ ପରାମର୍ଶ ରିପୋର୍ଟ ମଧ୍ୟ ଦାଖଲ କରିବାକୁ ପଡିବ ।

୫. ତଦନୁସାରେ ମେସର୍ସ ରୁଙ୍ଗ୍‌ଟା ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୧୯.୩ ମିଲିଅନ ଟିପିଏର ମୂଳ ଉତ୍ପାଦନ /ପରିଚାଳନା ଉପରେ ୪୮.୯% ବୃଦ୍ଧି) ପାଇଁ ଏକ ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) ଏବଂ ପରିବେଶ ପରିଚାଳନା ଯୋଜନା (EMP) ଦାଖଲ କରିଅଛନ୍ତି ।

ବର୍ତ୍ତମାନ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ପ୍ରସ୍ତାବିତ ପ୍ରକଳ୍ପର ପରିବେଶଗତ ଦିଗଗୁଡିକ ସମ୍ପର୍କରେ ଉପରୋକ୍ତ ବିଷୟଗୁଡିକ ଉପରେ ପୁଣିଥରେ ଜନ ପରାମର୍ଶ/ଆପତ୍ତି ଆହ୍ୱାନ କରାଯାଉଅଛି, ଯେଉଁଥିରେ ପ୍ରକୃତ ବାସିନ୍ଦା, ପରିବେଶଗତ ଗୋଷ୍ଠୀ ଏବଂ ପ୍ରସ୍ତାବିତ ସ୍ଥାନ/ବିସ୍ଥାପନ/ପ୍ରଭାବିତ ହେବାର ସମ୍ଭାବନା ଥିବା ସ୍ଥାନଗୁଡିକରେ ଅବସ୍ଥିତ ସମସ୍ତ ବ୍ୟକ୍ତି ସାମିଲ ଅଟନ୍ତି ।

ଉପରୋକ୍ତ ପ୍ରକଳ୍ପ ସହିତ ସମ୍ପର୍କିତ ସେମାନଙ୍କର ମତାମତ, ଆପତ୍ତି ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଉକ୍ତ ପ୍ରକଳ୍ପର ସଂଶୋଧିତ ପରିବେଶ ପ୍ରଭାବ ମୂଲ୍ୟାଙ୍କନ (EIA) / ପରିବେଶ ପରିଚାଳନା ଯୋଜନା (EMP) ଦେଖିପାରିବେ ଯାହା ନିମ୍ନଲିଖିତ କାର୍ଯ୍ୟାଳୟଗୁଡିକରେ ଉପଲବ୍ଧ ହେବା ସହିତ କାର୍ଯ୍ୟନିର୍ବାହୀ ସାରାଂଶର ଏକକିତା ନକଲ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମଧ୍ୟ ନିମ୍ନଲିଖିତ କାର୍ଯ୍ୟାଳୟ ଗୁଡିକରେ ଉପଲବ୍ଧ ଏବଂ ଏହାକୁ https://ospcboard.odisha.gov.in ୱେବସାଇଟ୍‌ରୁ ମଧ୍ୟ ମାଗଣାରେ ଡାଉନଲୋଡ୍ କରାଯାଇପାରିବ ।

୧.ଜିଲ୍ଲା କଲେକ୍ଟରଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ ।
୨.ଜିଲ୍ଲା ଶିଳ୍ପ କେନ୍ଦ୍ର, ସୁନ୍ଦରଗଡ ।
୩. ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ପରିଷଦ, ସୁନ୍ଦରଗଡ ।
୪.ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ମୁଖ୍ୟ କାର୍ଯ୍ୟାଳୟ, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮,ଭୁବନେଶ୍ୱର-୧୨ ।
୫.ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ରାଉରକେଲା ।
୬.ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଉପରୋକ୍ତ ପ୍ରକଳ୍ପ ସହ ଜଡ଼ିତ ସମସ୍ତ ବ୍ୟକ୍ତି ସେମାନଙ୍କର ମତାମତ, ଆପତ୍ତି ଅଭିଯୋଗ ଇତ୍ୟାଦି ଦାଖଲ କରିବାକୁ ଚାହୁଁଥିଲେ, ସେମାନେ ଏହି ବିଜ୍ଞପ୍ତି ପ୍ରକାଶନର ୩୦ ଦିନ ମଧ୍ୟରେ ପଞ୍ଜିକୃତ ପୋଷ୍ଟ ମାଧ୍ୟମରେ କିମ୍ବା ଇମେଲ୍- publichearing@ospcboard.org ଜରିଆରେ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର, ଓଡ଼ିଶାଙ୍କୁ ଲିଖିତ ଭାବରେ ଜଣାଇପାରିବେ ।

ଏହି ବିଷୟରେ ଅଧିକ ସ୍ପଷ୍ଟୀକରଣ ପାଇଁ ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲାର ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ସଦସ୍ୟ ସଚିବଙ୍କ ସହିତ ଯୋଗାଯୋଗ କରାଯାଇପାରିବ । ନିର୍ଦ୍ଧାରିତ ସମୟ ମଧ୍ୟରେ ଲିଖିତ ଭାବରେ ଦାଖଲ କରାଯାଇନଥିବା ମତାମତ ଗ୍ରହଣ କରାଯିବ ନାହିଁ ।

ସ୍ୱା./–ସଦସ୍ୟ ସଚିବ

OSPCB-PH-MISC-0024-2025/2/2025
OIPR-08012/11/0248/2526

# ବାଇକ୍ ଡିକିରୁ ୪ ଲକ୍ଷ ୫୩ ହଜାର ୯ ଶହ ଲୁଟ୍

କେନ୍ଦ୍ରାପଡ଼ା, ୬।୫(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ସହରର ଜଣେ ସିମେଣ୍ଟ ଗୋଦାମ୍ ମ୍ୟାନେଜରଙ୍କ ବାଇକ୍ ଡିକିରୁ ୪ ଲକ୍ଷ ୫୩ ହଜାର ୯ ଶହ ଟଙ୍କା ଦୁର୍ବୃତ୍ତମାନେ ମଙ୍ଗଳବାର ପୂର୍ବାହ୍ନ୧୧ଟାରେ ଲୁଟି ନେଇଛନ୍ତି। ଲୁଟ୍‌ର ଭିଡିଓ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଲାଗିଥିବା ସିସି କ୍ୟାମେରାରେ କଏଦ ହୋଇଛି। ଥାନାରେ ମ୍ୟାନେଜର ଭାବଗ୍ରାହୀ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଦୁହୁରିଆଠାରେ ଥିବା ତାଙ୍କ ସିମେଣ୍ଟ ଗୋଦାମରୁ ଆସି ଲ' କଲେଜ ଛକଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୪ ଲକ୍ଷ ୫୩ ହଜାର ୯ ଶହ ଟଙ୍କା ଉଠାଇଥିଲେ। ପରେ ଟଙ୍କାକୁ ବାଇକ୍ ଡିକିରେ ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ବ୍ୟକ୍ତିଗତ କାମରେ ଯାଇଥିଲେ। ଫେରିଲାବେଳକୁ ବାଇକ୍ ଡିକି ଖୋଲାଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

# ପାଣିରେ ବୁଡ଼ି ୫ ବର୍ଷରେ ୮,୫୩୨ ମୃତ

## ସନ୍ତରଣ ତାଲିମ, ମୁକାବିଲା ପାଇଁ ୧୦.୯୮ କୋଟି ଟଙ୍କା ମଞ୍ଜୁର

ଯାଜପୁର,୬।୫(ହର୍ଷବର୍ଦ୍ଧନ ବେହେରା) :



ରାଜ୍ୟରେ ଗତ ୫ ବର୍ଷରେ ୮,୫୩୨ ଜଣଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେଥିମଧ୍ୟରୁ ମୟୂରଭଞ୍ଜ, ଗଞ୍ଜାମ, କେନ୍ଦୁଝର ଏବଂ ବାଲେଶ୍ୱର ଜିଲାରେ ସର୍ବାଧିକ ୬୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ଏହାବାଦ୍ ସୁନ୍ଦରଗଡ଼, କଟକ, କେନ୍ଦ୍ରାପଡ଼ା, ନବରଙ୍ଗପୁର, ଢେଙ୍କାନାଳ, ଅନୁଗୋଳ ଓ ଭଦ୍ରକ ଜିଲାରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହାର ମୁକାବିଲା କରିବାକୁ ସଚେତନତା ସୃଷ୍ଟି, ସ୍କୁଲ ଓ କଲେଜସ୍ତରରେ ସନ୍ତରଣ ତାଲିମ, ବୁଡ଼ି ଅଞ୍ଚଳର ବିଭିନ୍ନ ଘାଟରେ ଚେନ ବ୍ୟାରିକେଡ ନିର୍ମାଣ ଇତ୍ୟାଦି ପାଇଁ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ୧୦.୯୮ କୋଟି ଟଙ୍କା ମଞ୍ଜୁର ହୋଇଛି।

ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା ଆଇନ-୨୦୦୫ର ଷ୍ଟେଟ ଏକ୍‌ଜିକ୍ୟୁଟିଭ କମିଟି(ଏସ୍‌ଇସି) ବୈଠକର ନିଷ୍ପତ୍ତି ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏସ୍‌ଇସି ବୈଠକର ବିବରଣୀରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରତିବର୍ଷ ପାଣିରେ ବୁଡ଼ି ୧୭୦୬ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ପାଣିରେ ବୁଡ଼ି ମରିବା ଏକ ବ୍ୟକ୍ତିଗତ ଦୁଃଖଦ ଘଟଣା। ତେଣୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କ ଅଞ୍ଚଳରେ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ ଜରୁରିକାଳୀନ ସେବା କର୍ମଚାରୀଙ୍କ ସହଯୋଗରେ ପ୍ରଶିକ୍ଷଣ ଦେବା ଆବଶ୍ୟକ ହୋଇପଡିଛି। ବିଭିନ୍ନ ବିଦ୍ୟାଳୟ, କଲେଜ ଏବଂ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରେ ପାଣିରେ ବୁଡି ମୃତ୍ୟୁ ଘଟଣାକୁ ନିୟନ୍ତ୍ରଣ କରାଯିବା ଆବଶ୍ୟକ। ବିଭିନ୍ନ ଘାଟରେ ସଚେତନତା ହୋର୍ଡିଂ, ବ୍ୟାନର, ପୋଷ୍ଟର ଏବଂ ସତର୍କ ସଙ୍କେତ ଲଗାଯିବ। ଓଡ୍ରାଫ୍, ଅଗ୍ନି, ଜରୁରିକାଳୀନ ସେବା ଏବଂ ଏଡିଆରଏଫ୍‌ର ବୈଷୟିକ ସହାୟତା ସହିତ ଜିଲା ପ୍ରଶାସନ ଦ୍ୱାରା ଏହିସବୁ କାର୍ଯ୍ୟକ୍ରମ କରାଯାଇ ପାରିବ ବୋଲି ନିଷ୍ପତ୍ତି ହୋଇଛି। ଏହାବାଦ୍ ପାରମ୍ପରିକ ଲୋକନୃତ୍ୟ ତଥା ପାଲା, ଦାସକାଠିଆ, ଘୋଡ଼ାନାଚ, ଲୋକନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ଗ୍ରାମସ୍ତରୀୟ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏହାବାଦ୍ ସନ୍ତରଣ ଏବଂ ବୁଡ଼ି ଯାଉଥିବା ଲୋକଙ୍କୁ ବଞ୍ଚାଅ ଦକ୍ଷତା ଉପରେ ତାଲିମ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ। ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ପରିସ୍ଥିତି ଏବଂ ଜଳପଥରେ ଯାତାୟତ ବୃଦ୍ଧି ହେତୁ ଶିଶୁ ଏବଂ ଯୁବକମାନଙ୍କ ମଧ୍ୟରେ ସନ୍ତରଣ ଶିକ୍ଷାର ଆବଶ୍ୟକତା ରହିଛି। ତେଣୁ ବୁଡ଼ି ଘଟଣା ଏବଂ ମୃତ୍ୟୁସଂଖ୍ୟାକୁ ହ୍ରାସ କରିବା ପାଇଁ ସର୍ବଶିକ୍ଷା ଅଭିଯାନ ଓ ସ୍ଥାନୀୟ କମିଟି ମାଧ୍ୟମରେ ସନ୍ତରଣ ଏବଂ ଉଦ୍ଧାର ତାଲିମକୁ ଗୁରୁତ୍ୱ ଦେବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଇଙ୍ଗ୍ରା ଖଣି ଖୋଲିବାକୁ ଦାବି



ଖଣି ଖୋଲିବାକୁ ଥାନାଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

କାଳିଆପାଣି,୬।୫(ଅସିତ ମହାନ୍ତ):

ଲୋଡିଂ ଶ୍ରମିକଙ୍କୁ ନିଯୁକ୍ତି ଦାବିରେ ଇଙ୍ଗ୍ରା ଖଣିରେ ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଖଣି ଖୋଲିବାକୁ ଦାବି କରିଛି। ଏନେଇ ମଙ୍ଗଳବାର ସଂଘ ପକ୍ଷରୁ କାଳିଆପାଣି ଥାନା ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଏପ୍ରିଲ ୧୭ରୁ କମ୍ପାନୀ ପକ୍ଷରୁ ନୋ ୱାର୍କ, ନୋ ପେ ନୋଟିସ ଲାଗୁ ହୋଇଛି, ଯାହାକୁ ଦୃଢ଼ ବିରୋଧ କରିଛି ଉକ୍ତ ସଂଘ। ସଂଘ ପକ୍ଷରୁ ନୋଟିସ ତୁରନ୍ତ ପ୍ରତ୍ୟାହାର କରି ଶ୍ରମିକ ଓ କର୍ମଚାରୀଙ୍କୁ ପ୍ରବେଶ ଅନୁମତି ଦେବାକୁ ୨ ଥର ପ୍ରଶାସନକୁ ଅବଗତ କରାଯାଇଛି। ହେଲେ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବା ଅଭିଯୋଗ ହୋଇଛି। ସଂଘ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ରଞ୍ଜନ ପ୍ରଧାନ, ଅଜୟ କୁମାର ନାୟକ, ବୈକୁଣ୍ଠ ମହାନ୍ତ, ସରୋଜ କୁମାର ମହାନ୍ତଙ୍କ ନେତୃତ୍ୱରେ ଶତାଧିକ ଶ୍ରମିକ ଏକ ଶୋଭାଯାତ୍ରାରେ ବାହାରି ଥାନା ଘେରାଉ କରିବା ସହ କମ୍ପାନୀ ବିରୋଧରେ ବିଭିନ୍ନ ନାରା ଦେଇଥିଲେ। ଥାନା ଅଧିକାରୀ ଶିବଚରଣ ବେହେରା ଆନ୍ଦୋଳନକାରୀଙ୍କ ନିକଟରେ ପହଞ୍ଚି ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ ବୋଲି ଥାନା ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ବର୍ଷା ପୂର୍ବରୁ ସହରର ଡ୍ରେନ୍ ସଫେଇ ଉପରେ ଗୁରୁତ୍ୱ

ଯାଜପୁରରୋଡ୍,୬।୫ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌର ପରିଷଦର ନୂଆ ନଗରପାଳ ଭାବେ ସୁବାସ ବଳ ଦାୟିତ୍ୱ ନେବାପାରେ ସହରର ମୌଳିକ ସମସ୍ୟାଗୁଡ଼ିକ ଉପରେ ଗୁରୁତ୍ୱ ଦେଇଛନ୍ତି। ସେ ପ୍ରଥମେ ଡ୍ରେନେଜ ସମସ୍ୟା ସମାଧାନ କରିବା ଦିଗରେ ଅଣ୍ଟା ଭିଡ଼ିଛନ୍ତି। ବର୍ଷାଋତୁ ପୂର୍ବରୁ ସହରର ମୁଖ୍ୟ ରାସ୍ତା ଓ ୱାର୍ଡଗୁଡ଼ିକର ସମସ୍ତ ଡ୍ରେନକୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ସମସ୍ତ ୱାର୍ଡର କାଉନସିଲରଙ୍କ ସହ ଆଲୋଚନା କରି ସହଯୋଗ ଲୋଡ଼ିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସହରର ରାଧାନାଥ ମାର୍ଗରୁ ସଫେଇ କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ୧୬ନଂ.ୱାର୍ଡ କାଉନସିଲର ଶିବାନନ୍ଦ ନାୟକ ଉପସ୍ଥିତ ରହି ପୌର ସଫେଇ କର୍ମଚାରୀଙ୍କ ଦ୍ୱାରା ଡ୍ରେନ ମଧ୍ୟରେ ଥିବା ଆବର୍ଜନାକୁ ସଫେଇ କରାଇଛନ୍ତି। ଯେଉଁ ସ୍ଥାନରେ ଡ୍ରେନ ଉପରେ ସ୍ଲାବ ନାହିଁ ସେଠାରେ ସୁରକ୍ଷା ଦୃଷ୍ଟିରୁ ସ୍ଲାବ ପକାଇବା ବ୍ୟବସ୍ଥା କରାଯିବ। ଏଥିସହିତ ବର୍ଷା ପୂର୍ବରୁ ପର୍ଯ୍ୟାୟକ୍ରମେ ଅନ୍ୟ ୱାର୍ଡଗୁଡ଼ିକରେ ଡ୍ରେନ ସଫେଇ କାର୍ଯ୍ୟ କରାଯାଇ ଜଳବନ୍ଦୀରୁ ସହରକୁ ମୁକ୍ତ କରାଯିବ ବୋଲି ନାୟକ କହିଛନ୍ତି।



ଡ୍ରେନ୍ ସଫେଇ କରାଯାଉଛି।

# ମୌଳିକ ସମସ୍ୟା ସମାଧାନକୁ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ପୌର ଅଧକ୍ଷ, କାଉନ୍‌ସିଲର ଏବଂ ଅନ୍ୟମାନେ।

ଯାଜପୁରରୋଡ୍,୬।୫(ପବିତ୍ର ରଞ୍ଜନ ମହାନ୍ତି):

## ବ୍ୟାସନଗର ପୌର ପରିଷଦର କାଉନସିଲ ବୈଠକ

■ ପୌର ପରିଷଦରେ ହୋଇଥିବା ଦୁର୍ନୀତିର ତଦନ୍ତ ହେବ

ବ୍ୟାସନଗର ପୌରପରିଷଦରେ ସୁବାସ ଚନ୍ଦ୍ର ବଳ ନଗରପାଳ ଦାୟିତ୍ୱ ନେବାପରେ ମଙ୍ଗଳବାର ପୌର ପରିଷଦର କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ମୌଳିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି। ନଗରପାଳ ବଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସହରର ବିଭିନ୍ନ ମୌଳିକ ସମସ୍ୟା ପ୍ରତି ପୂର୍ବତନ ପୌରାଧକ୍ଷା ଅଣଦେଖା କରିଥିବା କାଉନସିଲରମାନେ ଅଭିଯୋଗ କରିଛନ୍ତି। ସେହିପରି ସହରର ବିକାଶ ଯଥା ; ରାସ୍ତା, ସର୍ବସାଧାରଣ ଶୌଚାଳୟ, ଗୋଷ୍ଠୀ ଶୌଚାଳୟ, ରାସ୍ତା ଆଲୋକୀକରଣ, ଡ୍ରେନେଜ, ଶ୍ମଶାନ ଆଦି ବିଭିନ୍ନ ଯୋଜନାରେ ପ୍ରାୟ ୩୦ କୋଟିରୁ ଊର୍ଦ୍ଧ୍ୱ ଅନୁଦାନ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଉକ୍ତ ଅନୁଦାନକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ କାଉନସିଲରମାନେ ପ୍ରସ୍ତାବ ଦେଇଛନ୍ତି। ସହରର ସାନିଟାଇଜେସନ ବାବଦ ୨୦୨୨ରୁ ଅଦ୍ୟାବଧି ଖର୍ଚ୍ଚ ହୋଇଥିବା ଟଙ୍କା ଏବଂ ୧୦ ଅଳିଆ ପରିବହନ ଗାଡ଼ିର ଭଡ଼ା ବାବଦକୁ ମାସକୁ ୬ ଲକ୍ଷ ଟଙ୍କା ବିଲ ପ୍ରଦାନ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ କାଉନସିଲର ପାର୍ଥସାରଥୀ ନାୟକ ଦାବି କରିଛନ୍ତି। ସହରର ଆଲୋକୀକରଣ, ଡ୍ରେନେଜ ସମସ୍ୟାର ଶୀଘ୍ର ସୁଧାର ଆଣିବା ସହ ୱାର୍ଡଗୁଡ଼ିକରେ ଥିବା ଶ୍ମଶାନର ଉନ୍ନତୀକରଣ ପାଇଁ କାଉନସିଲର ଶିବାନନ୍ଦ ନାୟକ ପ୍ରସ୍ତାବ ଦେଇଛନ୍ତି। ଉଠାଦୋକାନୀଙ୍କୁ ପୌର ପରିଷଦ ପକ୍ଷରୁ ଭେଣ୍ଡି ଜୋନ ଯୋଗାଇଦେବାକୁ କାଉନସିଲରମାନେ ପ୍ରସ୍ତାବ ଦେଇଛନ୍ତି। ଭେଣ୍ଡି ଜୋନ ପାଇଁ ୨ଶହରୁ ଅଧିକ ଦରଖାସ୍ତ ଆସିଛି। ଲଟେରୀ ମାଧ୍ୟମରେ ଉଠା ଦୋକାନୀଙ୍କୁ ଭେଣ୍ଡି ଜୋନ ଯୋଗାଇ ଦିଆଯିବ ବୋଲି ନଗରପାଳ ପ୍ରତିଶ୍ରୁତି ଦେଇଛନ୍ତି।

ୱାର୍ଡଗୁଡ଼ିକରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସହରର ରୟାଲ କଳିଙ୍ଗଛକ ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ନିକଟରେ ୨ ଯାତ୍ରୀ ବିଶ୍ରାମାଗାର ପାଇଁ ପ୍ରସ୍ତାବ ଆସିଛି। ଧବଳଗିରିଠାରୁ ଫେରୋକ୍ରୋମ ପର୍ଯ୍ୟନ୍ତ ରାସ୍ତାର ରକ୍ଷଣାବେକ୍ଷଣ ଓଡ଼ିଶା ଖଣି ନିଗମ କରିବା ପାଇଁ କାଉନସିଲର ବିଜୟ ଜେନା ପ୍ରସ୍ତାବ ଦେଇଛନ୍ତି। ଉକ୍ତ ପ୍ରସ୍ତାବକୁ ବହୁ କାଉନସିଲର ସମର୍ଥନ ଜଣାଇଛନ୍ତି। ପୌର ପରିଷଦରେ ହୋଇଥିବା ବିଭିନ୍ନ ଦୁର୍ନୀତିର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ସହ ଯୋଜନାଗୁଡ଼ିକୁ ତ୍ୱରାନ୍ୱିତ କରିବାପାଇଁ ନଗରପାଳ ସମସ୍ତ କାଉନସିଲର ଓ ପୌର ପରିଷଦର ନିର୍ବାହୀ ଅଧିକାରୀ ଏବଂ କର୍ମଚାରୀଙ୍କ ସହଯୋଗ ଲୋଡ଼ିଛନ୍ତି। ସଭା ଆରମ୍ଭରୁ କାଉନସିଲର ଓ ପୌର କର୍ମଚାରୀମାନେ ନୂତନ ନଗରପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବୈଠକରେ ପୌର ନିର୍ବାହୀ ଅଧିକାରୀ ନମ୍ରତା ମୋଦି, କାଉନସିଲର ବିଜୟ ଜେନା, କୁନି ହାଁସଦା, ସରୋଜିନୀ ନାୟକ, ରଶ୍ମିତା ଖୁଣ୍ଟିଆ, ମୋନାଲିସା ସାହୁ, ସୁଜାତା ପ୍ରିୟଦର୍ଶିନୀ ପରିଡ଼ା, ତୁନିଆ ନାୟକ, ଅଶୋକ ଦାସ, ମନୀନ୍ଦ୍ର ସାହୁ, ରଶ୍ମିତା ରାଉତ, ସରିତା ଜେନା, ସନ୍ତୋଷ ବରାଳ, ବୁଦୁନୀ ଦରାଇ, ଶିବାନନ୍ଦ ନାୟକ, ଅନ୍ନପୂର୍ଣ୍ଣା ତରାଇ, ଭରତ ଓଝା, ଅରୁନ୍ଧତୀ ପରିଡ଼ା, ସରୋଜିନୀ ସେଠି, ଉର୍ମିଳା ପରିଡ଼ା, କୁମୁଦୁନୀ ରାଉତ, ପାର୍ଥସାରଥୀ ନାୟକ, ଦିଲୀପ ସେଠୀ ଓ ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବରୀ ବ୍ଲକ୍‌ର ୨ କିରାଣିଙ୍କ ବଦଳି

ବରୀ,୬।୫(ମହେନ୍ଦ୍ର ସ୍ୱାଇଁ):

ଯାଜପୁର ଜିଲା ବରୀ ବ୍ଲକ୍ କାର୍ଯ୍ୟାଳୟରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ କିରାଣି ଅମର ରଞ୍ଜନ ନାୟକଙ୍କୁ ମାଡ଼ ମାରିବାକୁ ନେଇ ଯାଜପୁର ଜିଲା ଅମଲା ସଂଘ ମଙ୍ଗଳବାର କଲମଛାଡ଼ ଆନ୍ଦୋଳନ ଆରମ୍ଭ କରିଛି। ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ଏହି ଘଟଣାରେ ବିବାଦୀୟ ହୋଇପଡ଼ିଥିବା ବ୍ଲକ୍‌ର ୨ କିରାଣିଙ୍କୁ ମଙ୍ଗଳବାର ବଦଳି କରାଯାଇଛି। କିରାଣି ଅଶ୍ୱିନୀ କୁମାର ସାହୁଙ୍କୁ ଯାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଅମର ରଞ୍ଜନ ନାୟକଙ୍କୁ ସୁକିନ୍ଦା ତହସିଲ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ଏନେଇ ଜିଲା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୬୬୨୭।୦୬।୦୫।୨୦୨୫ ଅନୁଯାଇ ସୂଚନା ମିଳିଛି।

ଗତ ମାସ ୨୮ ତାରିଖରେ ବିଧାୟକ କିରାଣି ନାୟକଙ୍କୁ ଆକ୍ରମଣ କରିଥିବା ବରୀ-ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ମାତ୍ର ଏହି ଘଟଣା ସମ୍ପୂର୍ଣ୍ଣ ଭିତ୍ତିହିନ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ପରେ ବିଧାୟକ ଏକ ଖବରଦାତା ସମ୍ମିଳନୀ ଡାକି ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ବ୍ଲକ୍ ଉପାଧକ୍ଷା ଅର୍ଚ୍ଚନା ମଲିକ ସମ୍ପୃକ୍ତ ୨ କିରାଣିଙ୍କ ବିରୋଧରେ ଥାନାରେ ଅସଦାଚରଣ ଅଭିଯୋଗ କରିଥିଲେ। ଉଭୟ କିରାଣି ତାଙ୍କୁ ଅସଦାଚରଣ କରିଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ସମସ୍ତ ଅଭିଯୋଗର ତଦନ୍ତ ଜାରି ରଖିଛି।


**BRAHMAPUR DEVELOPMENT AUTHORITY**

BeDA

Near Courtpeta Junction, Brahmapur, Odisha-760004

☎ 0680 2292797(O), 0680-2292033(F)

bda.brahmapur311@gmail.com www.bdabrahmapur.in

**No.153/BeDA, Brahmapur, dated 28.04.2025**

**PUBLIC NOTICE**

**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
**Sd./- Secretary**
**BeDA Brahmapur**

OIPR-13086/11/0005/2526


# ଅମଲା ସଂଘର କଲମ ଛାଡ଼ ଆନ୍ଦୋଳନ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେଂ ବସିଥିବା ଅମଲାସଂଘ କର୍ମକର୍ତ୍ତା।

ଯାଜପୁର ଟାଉନ,୬।୫(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ବରୀ ବ୍ଲକ୍ କାର୍ଯ୍ୟାଳୟରେ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ କିରାଣି ଅମର ରଞ୍ଜନ ନାୟକଙ୍କୁ ମାଡ଼ ମାରିବାକୁ ନେଇ ଯାଜପୁର ଜିଲା ଅମଲା ସଂଘ କଲମଛାଡ଼ ଆନ୍ଦୋଳନ ଆରମ୍ଭ କରିଛି। ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସଂଘ କର୍ମଚାରୀ ସୋମବାର କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଥିଲେ। ମଙ୍ଗଳବାରଠାରୁ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଅତିରିକ୍ତ ଜିଲାପାଳ(ସାଧାରଣ)ଯୁଧିଷ୍ଠିର ନାୟକଙ୍କ ପ୍ରକୋଷ୍ଠରେ ପୋଲିସ ଓ ଧାରଣାରତ ଅମଲା ସଂଘର କର୍ମକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ ବେହୁରିଆ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀତିକଣ୍ଠ କାନୁନଗୋ, ଏସ୍‌ଡିପିଓ ପ୍ରଶାନ୍ତ ର ମାଝୀ, ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ବିଧାୟକଙ୍କ ନାଁରେ ହୋଇଥିବା ଅଭିଯୋଗ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତା ଦଫାରେ ମାମଲା ରୁଜୁ କରାଯାଇ ନୋଟିସ ପ୍ରଦାନ କରାଯାଇଛି ବୋଲି ପୋଲିସ ପକ୍ଷରୁ ଅମଲା ସଂଘ କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି। ଧାରଣାରେ ଅମଲା ସଂଘର ଜିଲା ସଭାପତି ନିଗମାନନ୍ଦ ମାନ୍ଧାତା, ସମ୍ପାଦକ ମଦନ ମୋହନ ପତି, ପ୍ରସନ୍ନ ନାୟକ, କୋରାପୁଟ ଜିଲା ଶାଖା ସଭାପତି ମନୋଜ ବାରିକ, ଉପସଭାପତି ଅମିତ ସୁବୁଦ୍ଧି ପ୍ରମୁଖ ସାମିଲ ହୋଇଛନ୍ତି।


**OFFICE OF THE DIVISIONAL FOREST OFFICER, DHENKANAL DIVISION**

Tele Fax No-06762226717, e-mail Id - dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

**Sd./- Divisional Forest Officer**
**Dhenkanal Division**

OIPR-08037/11/0017/2526



**PANCHAYAT SAMITI,**
**RARUAN, DIST-MAYURBHANJ (Odisha) PIN-757035**
**Adv No-01/2025-26**

**Tender Call Notice**

**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

**Sd./- Block Development Officer,**
**Raruan, Mayurbhanj**

OIPR-19311/11/0002/2526



Forest Environment and Climate Change Department, Odisha

**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**

Email - dfo.jharsuguda@odisha.gov.in, Ph. - 06645-295040

**Tender Notification No.99 1F(Acct)/Date 03.05.2025**

No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.

Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website

**Sd./- Divisional Forest Officer,**
**Jharsuguda Forest Division**

OIPR-08054/11/0016/2526



**OFFICE OF THE MUNICIPAL COUNCIL, SONEPUR**

**No.1135/Dt.05.05.2025**

**QUOTATION CALL NOTICE**

**No.C-243** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

**Sd./- Executive Officer**
**Sonepur Municipality**

OIPR-13098/11/0034/2526

# ଖରା ସାଙ୍ଗକୁ ଗୁଳୁଗୁଳି, ଜନଜୀବନ ଅସ୍ତବ୍ୟସ୍ତ

ପଟ୍ଟାମୁଣ୍ଡାଇ, ୬।୫ (କଳ୍ପତରୁ ନାୟକ)


ପଟ୍ଟାମୁଣ୍ଡାଇ କେନାଲ ଶୁଖିଲା ପଡ଼ିଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତଥା ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେଲା ଖରା ସାଙ୍ଗକୁ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଦୈନିକ ତାପମାତ୍ରା ୩୭ରୁ ୩୯ ଡିଗ୍ରୀ ରହୁଥିବା ବେଳେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗତ ୪ରୁ ୫ ସପ୍ତାହ ଧରି କ୍ରମାଗତ ତାପମାତ୍ରା ବୃଦ୍ଧି ପାଉଥିବାରୁ ଦିନ ୯ଟା ପରେ ଘରୁ ପଦାକୁ ଗୋଡ଼ କାଢ଼ି ହେଉନାହିଁ। ଏଥିସହ ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା କରିବାକୁ ପଦାକୁ ଯିବାକୁ ପ୍ରଚଣ୍ଡ ରୌଦ୍ରତାପରେ ସାହସ ଜୁଟାଇ ପାରୁନାହାନ୍ତି। ଗ୍ରୀଷ୍ମଋତୁ ଆରମ୍ଭରୁ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ପରିସ୍ଥିତିକୁ ଗମ୍ଭୀର କରିଛି। ବାରମ୍ବାର ବିଦ୍ୟୁତ୍ କାଟର କାରଣକୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ନୀରବ ଥିବାବେଳେ ଏହାର ଠିକ୍ କାରଣ ସାଧାରଣ ଲୋକେ ଖୋଜି ପାଉନାହାନ୍ତି। ଅପରପକ୍ଷେ ବେଆଇନ ଇଟାଭାଟି ନିଆଁ ତାତିକୁ ଦ୍ୱିଗୁଣିତ କରୁଥିବାବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଚୁପ୍ ବସିଛି। ଅନ୍ୟପକ୍ଷରେ କେନାଲରେ ପାଣି ନ ଥିବା କାରଣରୁ ଅତ୍ୟନ୍ତ ଗୁଳୁଗୁଳି ସାଙ୍ଗକୁ ଓ ଟାଣଖରା ପାଇଁ ବିଲରେ ପରିପରିବା ଫସଲ ଜଳି ମରିଯାଉଥିବା ଦେଖିବାକୁ ମିଳୁଛି। ଯୁବ ସଙ୍ଗଠକ ଗୌତମ ବେହେରା କହିଛନ୍ତି, ପଟ୍ଟାମୁଣ୍ଡାଇର ଧୋୟା ଓ ଭେଡ଼ା ଅଞ୍ଚଳରେ ବ୍ୟାପକ ପନିପରିବା ଫସଲ ଚାଷ ହୋଇଛି। ସେଗୁଡ଼ିକ ଟାଣ ଖରା ଓ ପାଣି ଅଭାବରୁ ବିଲରେ ମରି ନଷ୍ଟ ହୋଇ ଯାଉଛି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଓ ଏଥିରୁ ବାହାରିଥିବା ଶାଖା କେନାଲ ବର୍ଷାଋତୁ ପରଠାରୁ ଶୁଖିଲା ପଡ଼ିଛି। କେତେବେଳେ କେମିତି କାଳବୈଶାଖୀ ବର୍ଷା ହେଲେ ମଧ୍ୟ ତାହା ସମୁଦ୍ରକୁ ସଖେ। ଅନ୍ୟପକ୍ଷରେ ଖରାଦିନ ପାଇଁ ଚାରଣଭୂମିରେ ଘାସ ଅଭାବ ଦେଖାଦେଇଛି। ଗୃହପାଳିତ ପ୍ରାଣୀଙ୍କୁ ଗୋପାଳକମାନେ ଗୋଠରେ ବାନ୍ଧି ଖାଦ୍ୟ ଖୁଆଇବା ସମ୍ଭବ ହେଉ ନ ଥିବାରୁ ସେମାନଙ୍କୁ ଖୋଲା ଛାଡ଼ି ଦେଉଛନ୍ତି। ଫଳରେ ବହୁ ଗୃହପାଳିତ ପ୍ରାଣୀ, ପକ୍ଷୀ

- ଅଘୋଷିତ ବିଦ୍ୟୁତ କାଟ୍
- କେନାଲ, ପୋଖରୀ ଶୁଖିଲା
- ଟାଣଖରାରେ ପରିବା ଫସଲ ନଷ୍ଟ

ବାହାରେ ବୁଲିବା ସମୟରେ ତୃଷା, ପୋଖରୀ ଶୁଖିଲା ପଡ଼ିଥିବାରୁ ଶୋଷ ମେଣ୍ଟାଇବାକୁ ପାଣି ପାଉନାହାନ୍ତି। ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରେ ପାଣି ଛଡ଼ାଗଲେ ଏଥିରୁ ବାହାରିଥିବା ଶାଖା କେନାଲରେ ପାଣି ଆସିଲେ ଅଞ୍ଚଳର ବ୍ୟାପକ ସ୍ଥାନ ଜଳ ସମସ୍ୟା ସମାଧାନ ହେବା ସହ ଉତ୍ତାପ ହ୍ରାସ ପାଇବାରେ ସହାୟକ ହେବ। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ସପ୍ତାହ ହେବ ପଟ୍ଟାମୁଣ୍ଡାଇ ସହରରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ଏ ପରିସ୍ଥିତିରେ ବାରମ୍ବାର ବିଦ୍ୟୁତ୍ କାଟ ଲୋକମାନଙ୍କୁ ଅସହ୍ୟ ଯନ୍ତ୍ରଣା ଦେଉଛି। ଏହି ସମୟରେ ବିଦ୍ୟୁତ୍ କାଟ ବନ୍ଦ କରିବାକୁ ସରକାର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ସହରାଞ୍ଚଳରୁ ଗ୍ରାମାଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ଦିନତମାମ ବାରମ୍ବାର ବିଦ୍ୟୁତ୍ କାଟ ହେବାରୁ ଛାତ୍ରୀଛାତ୍ର, ବୟସ୍କ ଲୋକ, ବ୍ୟବସାୟୀ ଅଧିକ ମାତ୍ରାରେ ହଇରାଣ ହେଉଛନ୍ତି। ସନ୍ଧ୍ୟାରେ ବିଦ୍ୟୁତ୍ ସମସ୍ୟା ଯୋଗୁ ପିଲାଙ୍କ ପାଠପଢ଼ା ବନ୍ଦ ହୋଇପଡୁଛି।

ଗ୍ରୀଷ୍ମ ସମୟରେ ଲାଇନ୍ ସଜଡ଼ା ନାମରେ ବିଦ୍ୟୁତ୍ କାଟ କରାଯିବା ଏକ ଚାଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ବିଦ୍ୟୁତ୍ କାଟ ବନ୍ଦ ନ କଲେ ସ୍ଥାନୀୟ ଲୋକେ ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ସାମାଜିକ କର୍ମୀ କୁଳିବାସ ପ୍ରଧାନ କହିଛନ୍ତି, ଗ୍ରୀଷ୍ମପ୍ରବାହ ସାଙ୍ଗକୁ ବେଆଇନ ଇଟାଭାଟି ଦିନକୁଦିନ ବଢ଼ିବାରେ ଲାଗିଛି। ଇଟାଭାଟିରୁ ବାହାରୁଥିବା ଧୂଆଁ ଓ ଧୂଳିରେ ଅଞ୍ଚଳବାସୀ ଅତିଷ୍ଠ ହେବା ସହ ନିଆଁ ପ୍ରକୋପରେ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ମଧ୍ୟ ବୃଦ୍ଧି ପାଉଛି। ଜନବସତି, ରାସ୍ତାକଡ଼, ନଈପଠା, ଗୋଚର ଜମି, ଜଙ୍ଗଲ ଜମିରେ ପ୍ରତ୍ୟେକ ସ୍ଥାନରେ ଏଭଳି ମାଳମାଳ ବେଆଇନ ଇଟାଭାଟି ସମସ୍ୟା ବଢ଼ାଇଛି। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ନିର୍ଦ୍ଦେଶ ଅନୁଯାୟୀ ଉପର ପୋଡ଼ା ଇଟାଭାଟି ସମ୍ପୂର୍ଣ୍ଣ ବେଆଇନ। ଇଟାଭାଟି ଯୋଗୁ ଶହ ଶହ ଏକର ଚାଷ ତଥା ସରକାରୀ ଜମିରୁ ମାଟି କ୍ଷୟ ହୋଇଚାଲିଛି। ଏ ନେଇ ଏନ୍‌ଜିଟି ପକ୍ଷରୁ ରହିତାଦେଶ ଜାରି କରାଯାଇଛି। ମାତ୍ର ଖଣି ବିଭାଗ ଓ ବିଭିନ୍ନ ରାଜସ୍ୱ ସର୍କଲର ନିରୀକ୍ଷକ ଇଟାଭାଟି ବ୍ୟବସାୟୀଙ୍କ ସହ ସୁସମ୍ପର୍କ ରଖି ଏଭଳି ବେଆଇନ କାରବାରକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବାଇକ୍ ଡିକିରୁ ୪ ଲକ୍ଷ ୫୩ ହଜାର ୯ ଶହ ଲୁଟ୍

କେନ୍ଦ୍ରାପଡ଼ା, ୬।୫ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ସହରର ଜଣେ ସିମେଣ୍ଟ ଗୋଡାମ୍ ମ୍ୟାନେଜରଙ୍କ ବାଇକ୍ ଡିକିରୁ ୪ ଲକ୍ଷ ୫୩ ହଜାର ୯ ଶହ ଟଙ୍କା ଦୁର୍ବୃତ୍ତମାନେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲୁଟି ନେଇଛନ୍ତି। ଲୁଟର ଭିଡିଓ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଲାଗିଥିବା ସିସି କ୍ୟାମେରାରେ କଏଦ ହୋଇଛି। ଥାନାରେ ମ୍ୟାନେଜର ଭାବଗ୍ରାହୀ ସାହୁଙ୍କ ଅଭିଯୋଗ ଅନୁଯାୟୀ, ପୁରୁଣାହାଟରେ ଥିବା ତାଙ୍କ ସିମେଣ୍ଟ ଗୋଦାମରୁ ଆସି ଲ' କଲେଜ ଛକଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ୪ ଲକ୍ଷ ୫୩ ହଜାର ୯ ଶହ ଟଙ୍କା ଉଠାଇଥିଲେ। ପରେ ଟଙ୍କାକୁ ବାଇକ ଡିକିରେ ରଖି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ବ୍ୟକ୍ତିଗତ କାମରେ ଯାଇଥିଲେ। ଫେରିଲାବେଳେ ବାଇକ୍ ଡିକି ଖୋଲାଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି।

## ଡାଳିଜୀରେ ଶ୍ରୀରାମ ଚରିତ ମାନସ

ଡେରାବିଶ, ୬।୫ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜୀ ଗ୍ରାମର ମଙ୍ଗଳବାର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ଚନ୍ଦ୍ରଶେଖର ମାନସ କୃପା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ୩୩ ତମ ବାର୍ଷିକ ଉତ୍ସବକୁ ପଣ୍ଡିତ ପ୍ରଦୀପ କୁମାର ବାହିନୀପତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେହ ପୂର୍ବାହ୍ନରେ ପାରାୟଣ ଅନୁଷ୍ଠିତ ହେଉଥିବାବେଳେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଏଥିରେ କର୍ତ୍ତା କର୍ତ୍ତୀ ଭାବେ ଅମରେନ୍ଦ୍ର ଜେନା ଓ ସୌଦାମିନୀ ଜେନା ଦାୟିତ୍ୱ ନିର୍ବାହ କରୁଛନ୍ତି। ଚନ୍ଦ୍ରଶେଖର ଯୁବକ ସଂଘ ପକ୍ଷରୁ ସାରଦା ପ୍ରସାଦ ଜେନା, ଦଣ୍ଡହରି ଜେନା, କୈଳାସ ବାରିକ, କୈଳାସ ପ୍ରଧାନ, ମଳୟ ରଞ୍ଜନ ଜେନା, ଆଭନ ପରିଡ଼ା, ପ୍ରାଜ୍ଞ ପୁରୁଷୋତ୍ତମ ଜେନା ଓ ପ୍ରକାଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ପାନୀୟଜଳ, ବିଭିନ୍ନ ପ୍ରକଳ୍ପ ତ୍ୱରାନ୍ୱିତ କର


ବୈଠକରେ ବିଧାୟକ ଧ୍ରୁବ ସାହୁ ଏବଂ ଅନ୍ୟମାନେ।

ରାଜନଗର, ୬।୫ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ରାଜନଗର ବିଧାୟକ ଧ୍ରୁବ ସାହୁ ଉନ୍ନୟନମୂଳକ କାର୍ଯ୍ୟର ମଙ୍ଗଳବାର ସମୀକ୍ଷା କରିଛନ୍ତି। ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକ ବିଧାୟକ ସାହୁ ବ୍ଲକର ୨୯ ପଞ୍ଚାୟତରେ ମେଗା ପାଇପ ପାନୀୟଜଳ ଯୋଗାଣ ପାଇଁ ସମୟ ଲାଗୁଛି। ପଞ୍ଚାୟତରେ ପାନୀୟଜଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ନଳକୂପଗୁଡ଼ିକ ଶୀଘ୍ର ଠିକ୍ କରିବାକୁ ତାଗିଦା କରିଥିଲେ। ପଞ୍ଚାୟତର ପାନୀୟଜଳ ସମସ୍ୟା ଦୂର କରିବାକୁ ପଞ୍ଚାୟତ ଓ ବ୍ଲକ ପାଣ୍ଠିରୁ ଅତିରିକ୍ତ ନଳକୂପ ଖନନ କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦେ ବିଧାୟକଙ୍କ ଅନୁଦାନ ଅର୍ଥ, ଆମ ଓଡ଼ିଶା ନବୀନ ଓଡ଼ିଶାରେ ଆସିଥିବା ଅର୍ଥ ଏବଂ ବାକିଥିବା ଉନ୍ନୟନମୂଳକ କାର୍ଯ୍ୟ ଶୀଘ୍ର ସାରିବା ପାଇଁ କହିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ସହକାରୀ ନିର୍ବାହୀଯନ୍ତ୍ରୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ, ଜିପିଇଓ ଧର୍ମେନ୍ଦ୍ର ଦାସ, କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ମାଝି, ଅନିରୁଦ୍ଧ ନାୟକ, ଅର୍ପଣ ମଲ୍ଲିକ, ରାଜେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କେଉଁ ପଞ୍ଚାୟତରେ କୋଉ କାମ କହିଁକି ଆଗେଇ ପାରୁନି କେତେ ସମୟ ମଧ୍ୟରେ ସରିବ ସେ ନେଇ କହିଥିଲେ।

# ବିଦ୍ୟୁତ୍ କାର୍ଯ୍ୟାଳୟରେ ବଟରପଡା ଗ୍ରାମବାସୀଙ୍କ ଧାରଣା

- ବାରମ୍ବାର ବିଦ୍ୟୁତ୍ କାଟର ପ୍ରତିବାଦ
- ୨ ଘଣ୍ଟା ୬ ହଜାର ଉପଭୋକ୍ତା ଗରମ, ଗୁଳୁଗୁଳିରେ ହନ୍ତସନ୍ତ

ରାଜକନିକା, ୬।୫ (ସଞ୍ଜୟ କୁମାର ଦାଶ)


ଓଳାଭର ଟିପିସିଓଡିଏଲ ବିଦ୍ୟୁତ୍ କାର୍ଯ୍ୟାଳୟରେ ବଟରପଡ଼ା ଗାଁର ମହିଳାପୁରୁଷ ଧାରଣାରେ ବସିଛନ୍ତି।

ଗ୍ରୀଷ୍ମ ପ୍ରଭାବରେ ସାରା ରାଜ୍ୟରେ ଜନ ଜୀବନ ଅସ୍ତବ୍ୟସ୍ତ ହେଉଛନ୍ତି। ରାଜ୍ୟ ସରକାର ବିଦ୍ୟୁତ୍ କାଟକୁ ନା' କରିଛନ୍ତି। ଯେଉଁ ସ୍ଥାନରେ ବିଦ୍ୟୁତ ସମସ୍ୟା ଅଛି ସେହି ସ୍ଥାନରେ ତୁରନ୍ତ ତତ୍କାଳ ସମାଧାନ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରାଜକନିକା ବ୍ଲକ ହଟାସାହି ପଞ୍ଚାୟତର ବଟରପଡ଼ା ଗାଁରେ ୨ ବର୍ଷ ହେବ ବିଦ୍ୟୁତ୍ ସମସ୍ୟା ଗ୍ରାମବାସୀ ଭୋଗୁଛନ୍ତି। ଆକାଶରେ ବର୍ଷା ଉଠେଇଲେ ଗାଁ ଅନ୍ଧାର ହୋଇଯାଏ। ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଫଳ ଶୂନ୍ୟ। ଏହାର ପ୍ରତିବାଦରେ ସୋମବାର ରାତିରେ ଓଳାଭର ଟିପିସିଓଡିଏଲ ବିଦ୍ୟୁତ୍ କାର୍ଯ୍ୟାଳୟରେ ବଟରପଡ଼ା ଗାଁର ମହିଳାପୁରୁଷ ଧାରଣାରେ ବସିଥିଲେ। ଗ୍ରାମବାସୀ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ କିଛି ସମୟ କଥା କଟା କାଟି ହୋଇଥିଲା। ବିଭାଗୀୟ ଅଧିକାରୀ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ୧ଟା ପର୍ଯ୍ୟନ୍ତ ଓଳାଭର ଓ ନହୁଣୀ ଫିଡ଼ରରେ ଥିବା ୬ ହଜାର ଉପଭୋକ୍ତାଙ୍କ ବିଦ୍ୟୁତ୍ ସରୋବରାହ ସମ୍ପୂର୍ଣ୍ଣ ବନ୍ଦ କରି ଦେଇଥିଲେ। ଫଳରେ ମୁଣ୍ଡଫଟା ଖରା, ଗୁଳୁଗୁଳିରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ହାଟସାହିର ୪୦ ପରିବାର ବିଦ୍ୟୁତ୍ ଉପଭୋକ୍ତା। ଏମାନଙ୍କ ପାଇଁ ୨୫ କେଭିଏ ବିଶିଷ୍ଟ ଟ୍ରାନ୍ସଫର୍ମର ଲାଗିଛି। ୨ବର୍ଷ ହେବ କାଳବୈଶାଖୀରେ ଟ୍ରାନ୍ସଫର୍ମରଟି ଉପୁଡି ପାଣିରେ ପଡ଼ି ଯାଇଥିଲା। ବିଭାଗ ପକ୍ଷରୁ ଅନ୍ୟ ଏକ ପୁରୁଣା ଟ୍ରାନ୍ସଫର୍ମରକୁ ସେହି ସ୍ଥାନରେ ବାସ ଯାଇଥିଲା। ଯାହାଦ୍ୱାରା ବର୍ଷା ପବନ ହେଲେ ବିଭିନ୍ନ ସମୟରେ ଦିନେ, ୨ ଦିନ ଲାଇନ କଟିଯିବା ନେଇ ବିଭାଗୀୟ ଅଧିକାରୀଙ୍କୁ ଫୋନ କଲେ ବିଳମ୍ବରେ ଯାଇ ମରାମତି କରିଥାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ସନ୍ଧ୍ୟାରେ ଟ୍ରାନ୍ସଫର୍ମରରୁ ଫ୍ୟୁଜ କଟିଯାଏ ରାତିତମାମ ଗାଁ ଅନ୍ଧାର ରୁହେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି ସମସ୍ୟା ୨ ବର୍ଷ ହେବ ଲାଗି ରହିଛି। ବିଦ୍ୟୁତ୍ ଜନିତ ସମସ୍ୟାର ସମାଧାନ ପାଇଁ ଗାଁର ସରୋଜିନୀ ବେହୁରିଆ, ସ୍ୱର୍ଣ୍ଣଲତା ବେହୁରିଆ, ବାସନ୍ତୀ ବେହୁରିଆ, ଅନୁସୂୟା ମହାପାତ୍ର, ଜୋସ୍ନାରାଣୀ ବେହୁରିଆ, କୁନୀଲତା ବେହୁରିଆ, କମଳିନୀ ବେହୁରିଆ, ସରୋଜିନୀ ବେହୁରିଆ, ଶୈଳବାଳା ବେହୁରିଆ, ପୂର୍ଣ୍ଣଚନ୍ଦ୍ର ବେହୁରିଆ, ନିମାଇଁ ଚରଣ ବେହୁରିଆ, ଜିତେନ୍ଦ୍ର ବେହୁରିଆ, ହିମାଂଶୁ ବେହୁରିଆ, କୁଳମଣି ବେହୁରିଆ, ଅସିତ ବେହୁରିଆ, ଧର୍ମଜିତ ବେହୁରିଆ, କିଶୋର ବେହୁରିଆ, ନବକିଶୋର ବେହୁରିଆଙ୍କ ସମେତ ଗ୍ରାମର ମହିଳାପୁରୁଷ ଓଳାଭର ଟିପିସିଓଡିଏଲ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ବିଭାଗୀୟ ଲିଡ଼ ମ୍ୟାନେଜର ସୌମ୍ୟରଞ୍ଜନ ଦାସଙ୍କୁ ଘେରିଥିଲେ। ସମସ୍ୟାର ତୁରନ୍ତ ସମାଧାନ ପାଇଁ କହିଥିଲେ। କଥା କଟା କାଟି ହେବାରୁ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ୬ ହଜାର ବିଦ୍ୟୁତ୍ ଉପଭୋକ୍ତାଙ୍କ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବନ୍ଦ କାରି କାର୍ଯ୍ୟାଳୟ ଛାଡ଼ି ସମସ୍ତ କର୍ମଚାରୀ ରାଜକନିକା ଥାନାକୁ ଚାଲି ଯାଇଥିଲେ। ଫଳରେ ସମ୍ପୂର୍ଣ୍ଣ ପଶ୍ଚିମ କନିକାର ଲୋକମାନେ ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହୋଇଥିଲେ। ବିଦ୍ୟୁତ ନ ଆସିବାରୁ ସ୍ଥାନୀୟ ଅଞ୍ଚଳର ଅଧିବାସୀ କାର୍ଯ୍ୟାଳୟକୁ ଆସି ଦେଖିଥିଲେ, ବିଭାଗୀୟ କର୍ମଚାରୀ କେହିନାହାନ୍ତି। ଏ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଓଳାଭର ବିଦ୍ୟୁତ୍ ଉପଭୋକ୍ତା ମଞ୍ଚର ସମ୍ପାଦକ ଶରତ ଚନ୍ଦ୍ର ପୃଷ୍ଟି କହିଛନ୍ତି, ଗୋଟିଏ ଗାଁର ସମସ୍ୟା ପାଇଁ ସାରା ଅଞ୍ଚଳକୁ ଖରା ଗରମ ଓ ଗୁଳୁଗୁଳିରେ ହଇରାଣ କରିବା ଅନୁଚିତ। ଫଳରେ ଓଳାଭର ମେଡିକାଲରେ ରୋଗୀ ହନ୍ତସନ୍ତ ହୋଇଥିଲେ। ତୁରନ୍ତ ସମସ୍ୟା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ। ଏ ସମ୍ପର୍କରେ ଲିଡ଼ ମ୍ୟାନେଜର ସୌମ୍ୟରଞ୍ଜନ ସାହୁଙ୍କୁ ପଚାରିବାରେ ସମସ୍ୟାର ସମାଧନ କରାଯାଇଛି। କଣ୍ଡିଆ ଫିଡ଼ର ଚାଲୁ ହେଲେ ସେ ଗାଁର ସମସ୍ୟା ଦୂର ହୋଇଯିବ। ବିଦ୍ୟୁତ୍ କାଟ ସମ୍ପର୍କରେ କୌଣସି ପ୍ରତିକ୍ରିୟା ନ ଦେଇ ଏଡାଇ ଯାଇଥିଲେ।

ସେହିପରି ମଙ୍ଗଳବାର ପୂର୍ବାହ୍ନ ୧୦ଟାରୁ ସାଢେ ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ ସମସ୍ୟା ଦେଖିବାକୁ ମିଳିଛି। ମୁଣ୍ଡଫଟା ଖରା ସମୟରେ ବୟସ୍କ, ଶିଶୁମାନଙ୍କୁ ଦାଣ୍ଡ ବାଡ଼ି କେଉଁଠି ବି ନିସ୍ତାର ମିଳୁନାହିଁ। ପରିସ୍ଥିତି ଅଣାୟତ୍ତ ହୋଇପଡୁଥିବା ନେଇ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ ରାଜକନିକା ସେକସନର କାର୍ଯ୍ୟରତ ଜୁନିୟର ମ୍ୟାନେଜର (ସର୍ଭିସ୍) ଦୀପଙ୍କର ଦେବତାଙ୍କୁ ପଚାରିବାରେ ସୋମବାର ପାୱାରଜମେଶିନରେ ଅସୁବିଧା ଦେଖାଯାଇଥିଲା। ତେଣୁ ମେଣ୍ଟେନାନ୍ସ ହେଉଥିବା କଥା କହିଥିଲେ।

## ଅବରୋଧକାରୀଙ୍କ ବିରୋଧରେ ଥାନାରେ ମାମଲା

### ଚୋରା ମଦ କାରବାର ବିରୋଧରେ ରାସ୍ତାରୋକୋ ଘଟଣା

ନାଉଗାଁ,୬।୫(ସୁଧା ବେହୁରା): ନାଉଗାଁ ଥାନା ଅନ୍ତର୍ଗତ ଗଙ୍ଗଦା ହାଟରେ ବ୍ୟାପକ ଚୋରାମଦ କାରବାର ଚାଲିଥିବା ଅଭିଯୋଗ କରି ସୋମବାର ବଜାର କମିଟି ସଦସ୍ୟମାନେ ଶାଳିଜଙ୍ଗା-ତିରୁଣା ଗ୍ରାମ୍ୟ ଉନ୍ନୟନ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୨ ଘଣ୍ଟା ରାସ୍ତା ଅବରୋଧ ପରେ ଥାନା ଏସ୍‌ଆଇ ନୀଳମଣି ନାୟକ ପହଞ୍ଚି ଚୋରାମଦ ବ୍ୟବସାୟୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଥାନା ପକ୍ଷରୁ ରାସ୍ତା ଅବରୋଧ କରିଥିବା ସଦସ୍ୟମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କମିଟି ସଦସ୍ୟଙ୍କ କହିବା ମୁତାବକ, ଚୋରାମଦ କାରବାର ଯୋଗୁ ଉକ୍ତ ବଜାରରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି।

ଏ ପ୍ରସଙ୍ଗରେ ସେମାନେ ଥାନାଧିକାରୀଙ୍କୁ ବାରମ୍ବାର ଅବଗତ କରାଇବା ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ତେଣୁ ବାଧ୍ୟହୋଇ ସେମାନେ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଅବରୋଧ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ କ'ଣ ପାଇଁ ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଛି ସେ ବିଷୟରେ କମିଟି ସଦସ୍ୟ ଜାଣି ନ ଥିବା କହିଛନ୍ତି।

ଏଏସ୍‌ଆଇ ଚନ୍ଦ୍ରମୋହନ ହାଁସ୍‌ଦାଙ୍କ ଅଭିଯୋଗ ମୁତାବକ, ଗଙ୍ଗଦା ମଝିପଡ଼ାର ଏକ ଅପମୃତ୍ୟୁ ମାମଲାର ତଦନ୍ତ କରିବା ପାଇଁ ଯିବା ସମୟରେ ଗଙ୍ଗଦାହାଟ ବ୍ରିଜ୍ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା। ଏପରିକି ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ସେହି ବାଟ ଦେଇ ପୋଲିସ ତଦନ୍ତ କରିବାକୁ ଯିବା ସମୟରେ ଗାଡ଼ିକୁ ଅବରୋଧକାରୀ ଛାଡ଼ି ନ ଥିଲେ। ତେଣୁ ରାସ୍ତା ଅବରୋଧ କରିଥିବା ତାପସ ସ୍ୱାଇଁ, ରଞ୍ଜନ ବିଶ୍ୱାଳ, ରଶ୍ମିରଞ୍ଜନ ତ୍ରିପାଠୀ ଓ ନରେଶ ସେଠୀ ପ୍ରମୁଖ ୯ ଜଣଙ୍କ ନାମରେ ମାମଲା (ନଂ.୧୧୪/୨୫) ରୁଜୁ କରାଯାଇଛି।

ଏ ପ୍ରସଙ୍ଗରେ ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋଙ୍କୁ ପଚାରିବାରେ, ରାସ୍ତାରୋକୋ ସମ୍ବନ୍ଧରେ ସେମାନଙ୍କ ନିକଟରେ କୌଣସି ସୂଚନା ନ ଥିଲା। ରାସ୍ତାରୋକୋ ପାଇଁ ସେମାନେ ଲିଖିତ ଭାବେ କିଛି ପ୍ରଦାନ କରିନାହାନ୍ତି । ମନଇଚ୍ଛା ରାସ୍ତାରୋକୋ କରିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିଲା ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ରାଜମିସ୍ତ୍ରିଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ

ନାଉଗାଁ, ୬।୫(ସୁଧା ବେହୁରା)

ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଯମୁନାକୋଟ ଗ୍ରାମର ଜଣେ ରାଜମିସ୍ତ୍ରିଙ୍କୁ ଗାଳିଗୁଲଜ କରିବା ସହ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଗ୍ରାମର ରାଜକୁମାର ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସେ ଦୀର୍ଘଦିନ ହେବ ନାଉଗାଁ ଥାନା ଅଞ୍ଚଳରେ ରାଜମିସ୍ତ୍ରି ଭାବେ କାର୍ଯ୍ୟ କରୁଛନ୍ତି। ସୋମବାର ଏହି କାର୍ଯ୍ୟରେ ସହଯୋଗ ପାଇଁ ସେ କୋରୁଅ ଗ୍ରାମର ଅଲେଖ ଭୋଇଙ୍କୁ ଡାକିବାକୁ ଯାଇଥିଲେ। ସେହି ସମୟରେ ଉକ୍ତ ଗ୍ରାମର ଲିଟୁ ସ୍ୱାଇଁ ତାଙ୍କୁ ବାଟରେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ବେକରେ ଛୁରି ଲଗାଇ ଦେଇଥିଲେ। ଅଲେଖ ରହୁଥିବା ଭଡ଼ାଘର ନ ଛାଡ଼ିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ଅଲେଖ ଛୁରି ଛଡ଼ାଇଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଓ ଗାଲରେ ଆଘାତ ଲାଗିଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାକୁ ଭିତ୍ତିକରି ଥାନା ପକ୍ଷରୁ ମାମଲା(ନଂ.୧୧୩/୨୫) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ପ୍ରଦୀପ୍ତ କାନୁନ୍‌ଗୋ କହିଛନ୍ତି।


**BRAHMAPUR DEVELOPMENT AUTHORITY**
Near Courtpeta Junction, Brahmapur, Odisha-760004
☎ 0680 2292797(O), 0680-2292033(F)
bda.brahmapur311@gmail.com www.bdabrahmapur.in
**No.153/BeDA, Brahmapur, dated 28.04.2025**

**PUBLIC NOTICE**

**No.CAD-316** : In exercise of the power conferred under Section-14 sub section (3) of ODA Act, 1982, I am through this public notice bring attention of the general public that the modification of CDP Brahmapur is to be carried out in respect of Plot No. 1478,1477, 1475/1754, 1479, 1479/3732, 1479/3442, 1479/3747, 1479/3636 and 1479/3693, Khata No.597, 742/2376, 742/2105,742/1633, 742/2120,742/1913 and 742/3138, an area of Ac.0.572 of Mouza Gopabandhunagar, which is coming under Green Belt use zone as per CDP to be modified to residential use zone. The land owner Sri Sarat Chandra Panigrahi & others, all are at New Street, Po/Ps: Gosaninuagoan, Brahmapur appealed before the Hon'ble Appellate Court of R.D.C.(SD) Brahmapur vide ODA appeal Case No.2/2022 for change of land use zone from "Green belt" use zone to "Residential zone". After proper hearing, the Hon'ble Appellate Court passed an order on 30.6.2023 stating that "at the first instance move a proposal under Section 14(2) of ODA Act to Govt. in H&UD Department with adequate justification for necessary change in classification".

For such modification, objections and suggestions are invited from general public which shall be filed within 60 (sixty) days from the date of publication of this notice in the local news paper or in our official website www.bdabrahmapur.in. whichever is later. Any person desires to see the modification can visit the office of BEDA Brahmapur during office hours in any working days. Any objections filed beyond sixty days shall not be entertained.

By order of Vice-Chairman
**Sd./- Secretary**
**BeDA Brahmapur**
OIPR-13086/11/0005/2526



**OFFICE OF THE DIVISIONAL FOREST OFFICER, DHENKANAL DIVISION**
Tele Fax No-06762226717, e-mail Id - dfo.dhenkanal@gmail.com

**TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2025-26 OF DHENKANAL DIVISION**

**No.MM-23** : THE RE-TENDER FOR SUPPLY OF ANIMAL FEED ITEMS TO KAPILASH ZOO FOR THE YEAR 2025-26 IS INVITED FROM INTENDING PERSONS /FIRMS. THE TENDER WILL BE RECEIVED TILL **1.00 P.M. OF 15.05.2025** BY POST AND TO BE OPENED ON **DT.17.05.2025 AT 9:00A.M** IN DIVISIONAL FOREST OFFICE, DHENKANAL. FOR DETAIL PARTICULARS, THE UNDERSIGNED MAY BE CONTACTED DURING OFFICE HOURS.

**Sd./- Divisional Forest Officer**
**Dhenkanal Division**
OIPR-08037/11/0017/2526



Forest Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**
Email - dfo.jharsuguda@odisha.gov.in, Ph. - 06645-295040
**Tender Notification No.99 1F(Acct)/Date 03.05.2025**
No.MM-26

| Sl. No. | Name of the work | : | Supply and delivery tall tree seedlings of selected tree species (in 25 cm x 25 cm polybags with an average height of 10 ft or above) |
|---|---|---|---|
| 1 | Estimated Cost | : | Depending upon funds availability & requirement of seedling at site |
| 2 | Period & time of Completion | : | 15 days from the date of issue of orders or before 1st July 2025 |
| 3 | Location of Plantation | : | Across Jharsuguda Forest Division |
| 4 | Date & time of availability of the bid document in the portal | : | 05.05.2025 to 16.05.2025 |
| 5 | Last date/Time for receipt of bids in the portal | : | Up to 5.00 P.M. of 16.05.2025 |
| 6 | Date & Time of bid opening | : | 10.30 hours on Dated. 17.05.2025 |
| 7 | Name & Address of the officer inviting Bid | : | Divisional forest officer, Jharsuguda Forest Division, At-BTM, Jharsuguda, PIN-768202 |

Note : The total quantity may be based on field requirement. Final quantity will be communicated in work order.

Others can see the details from Notice inviting Tenders, available in website-https://jharsuguda.odisha.gov.in, Corrigendum if any, shall only be published in the above website

**Sd./- Divisional Forest Officer,**
**Jharsuguda Forest Division**
OIPR-08054/11/0016/2526



**PANCHAYAT SAMITI,**
**RARUAN, DIST-MAYURBHANJ (Odisha) PIN-757035**
**Adv No-01/2025-26**

**Tender Call Notice**

**No.i-72** : Sealed tenders (Percentage rate) are invited for 07 no's of works from the interested "C"/"D" Class Contractors registered with the Govt. for execution of civil works under Panchayat Samiti, Raruan, Dist- Mayurbhanj. The details notification is available at official website www.mayurbhanj.odisha.gov.in Interested bidders fulfilling the eligibility criteria may submit their proposal(s) to the Panchayat Samiti, Raruan, Mayurbhanj. Proposal(s) complete in all respect should reach the undersigned on or before **1.00 P.M. of 19.05.2025** through Regd/Speed post and the same will be opened on **10.00 A.M. of 20.05.2025**. The undersigned reserves the right to reject any or all the tender(s) without assigning any reason thereof.

**Sd./- Block Development Officer,**
**Raruan, Mayurbhanj**
OIPR-19311/11/0002/2526



**OFFICE OF THE MUNICIPAL COUNCIL, SONEPUR**
**No.1135/Dt.05.05.2025**

**QUOTATION CALL NOTICE**

**No.C-243** : Sealed quotations are invited in prescribed proforma from the reputed ISI certified firms/Manufactures/Authorised Dealers having GST clearance certificate, PAN No., Sale Tax. The quotationer shall have to quote the price item of their respective company for supply and installation of **reputed brand Water Cooler 150/150 FSS** in Subarnapur Municipality for the year 2025-26. The rate quoted documents should be submitted to the undersigned on or before **19.05.2025 up to 01.00 P.M.** and the same will be opened **on dt.20.05.2025 at 10.00 A.M.** in presence of quotationers or their authorised representatives. Beyond the date no quotation shall be entertained, the quotation paper with terms and conditions is available in district website of Subarnapur i.e. www.subarnapur.nic.in w.e.f **06.05.2025 to 19.05.2025**. The quotationer shall have to deposit Rs.5000/- (Rupees Five Thousand) only towards EMD money & Rs.500/- (Rupees Five Hundred) only towards paper cost in shape of D.D in favour of Executive Officer, Subarnapur Municipality payable at Sonepur Nationalised Banks. Postal delay shall not be taken to consideration. The undersigned reserves the right to reject whole or part of quotation without assigning any reason thereof.

**Sd./- Executive Officer**
**Sonepur Municipality**
OIPR-13098/11/0034/2526

# ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ରଣପୁର,୬।୫(ସୁକାନ୍ତ କିଶୋର ଡାକୁଆ): ନୟାଗଡ଼ ଜିଲ୍ଲା ଚାନ୍ଦପୁର ବସନ୍ତ ମଞ୍ଜରୀ ହସ୍ପିଟାଲରେ ମଙ୍ଗଳବାର ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା। କନ୍ଧ ନୟାଗଡ଼ ଗ୍ରାମର ସୋମନାଥ ପଲେଇ(୨୫)ଙ୍କ ମୃତ୍ୟୁକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଛି । ମଙ୍ଗଳବାର ସେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଚାନ୍ଦପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଇଞ୍ଜେକ୍ସନ ଓ ସାଲାଇନ ଦେଇଥିଲେ । ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚିକିତ୍ସାରେ ଅବହେଳା କାରଣରୁ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ପରିବାର ଲୋକେ ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଉତ୍ତେଜନା ଲାଗି ରହିଛି। ଚାନ୍ଦପୁର ପୋଲିସ ପହଞ୍ଚି ତଦନ୍ତ କରିଛି। ଏ ସଂକ୍ରାନ୍ତରେ ସୋମନାଥଙ୍କୁ ଚିକିତ୍ସା କରୁଥିବା ଡାକ୍ତର ବିଭୂତିଭୂଷଣ ବଳନ୍ତରାୟଙ୍କୁ ପଚାରିବାରୁ ସେ କୁହନ୍ତି, ତାଙ୍କ ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିଲା । ଚିକିତ୍ସା ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଥିଲା।

■ଡାକ୍ତରଖାନାରେ ଉତ୍ତେଜନା


ମୃତ ସୋମନାଥ ପଲେଇ


ଚାନ୍ଦପୁର ବସନ୍ତ ମଞ୍ଜରୀ ହସ୍ପିଟାଲରେ ଉତ୍ତେଜନା ।

# ମୃତକଙ୍କ ପରିବାରଙ୍କୁ ସହାୟତା


ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଛି ।

ଖଣ୍ଡପଡ଼ା,୬।୫(ଅଜୟ କୁମାର ମହାରଣା) ଖଣ୍ଡପଡ଼ା ବ୍ଲକ ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ନୂଆପଡା ଗ୍ରାମର ପବିତ୍ର ସାହୁ(୩୫)ଙ୍କ ଗତ ଏପ୍ରିଲ ୨୫ରେ ଏକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅକାଳ ବିୟୋଗରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ଏହି ଦୁଃଖଦ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଥିଲା । ଦୁର୍ଘଟଣା ସମ୍ପର୍କରେ ଭାଜପାର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଓ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଅବଗତ ହେବା ପରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ଘରେ ମଙ୍ଗଳବାର ପହଞ୍ଚି ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ ମୃତ ପ୍ରକାଶଙ୍କ ୨ ଝିଅ ପ୍ରିୟଙ୍କା ସାହୁ(୭) ଓ ପଲ୍ଲିନୀ ସାହୁ(୫)ଙ୍କ ଭବିଷ୍ୟତ ପାଇଁ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ବ୍ଲକ ବିଜେଡି ସଭାପତି ଅଖିଳ କୁମାର ପଣ୍ଡା, ଯୁବ ସଂଗଠକ ବୁଲୁ ଦାଶ, ପଞ୍ଚାୟତ ବିଜେଡି ସଭାପତି ମାନସ ପ୍ରଧାନ, ପବିତ୍ର ସାହୁ, ପୂର୍ବତନ ସଭାପତି ବୈକୁଣ୍ଠ ସାହୁ, ନାଏବ ସରପଞ୍ଚ ରମେଶ ସାହୁ, ବରିଷ୍ଠ କର୍ମୀ କାଶୀନାଥ ସାହୁ, ଲଡୁ କିଶୋର ସାହୁଙ୍କ ସମେତ ଖଣ୍ଡପଡା ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଭାରତୀୟ ବିକାଶ ପରିଷଦ ତରଫରୁ ଗଣଧାରଣା

## ବଡଶିଲିଙ୍ଗା ପଞ୍ଚାୟତବାସୀଙ୍କ ମୌଳିକ ସମସ୍ୟାର ସମାଧାନ ଦାବି

ଗଣିଆ,୬।୫(ସନ୍ତୋଷ କୁମାର ପ୍ରଧାନ):

ନୟାଗଡ଼ ଜିଲା ଗଣିଆ ବ୍ଲକର ସୀମାନ୍ତ ବଡଶିଲିଙ୍ଗା ପଞ୍ଚାୟତ ବଣଜଙ୍ଗଲ ଘେରା ଆଦିବାସୀ ପ୍ରବଣ ପଞ୍ଚାୟତ ଭାବେ ଜିଲାରେ ବେଶ ପରିଚିତ । ଏହି ଅଞ୍ଚଳବାସୀଙ୍କ ଅନେକ ମୌଳିକ ସମସ୍ୟା ଏ ଯାଏ ସମାଧାନ ହୋଇପାରିନାହିଁ। ଫଳରେ ମଙ୍ଗଳବାର ଅପରାହ୍ନରେ ଭାରତୀୟ ବିକାଶ ପରିଷଦ ନେତୃତ୍ୱରେ ବଡଶିଲିଙ୍ଗା ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଗଣିଆ ବଜାରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏକ ପ୍ରତିବାଦ ସଭାରେ ବଡଶିଲିଙ୍ଗା ପଞ୍ଚାୟତର ବିଭିନ୍ନ ଗ୍ରାମର ସମସ୍ୟା ସମ୍ପର୍କରେ ପ୍ରଶାସନ ତୁରନ୍ତ ସମାଧାନ ପାଇଁ ଦାବି ଜଣାଇଥିଲେ । ବିଭିନ୍ନ ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ , ବିଦ୍ୟୁତ୍ ସଂଯୋଗ, ଆଶା ଓ ଅଙ୍ଗନୱାଡ କର୍ମୀ ନିଯୁକ୍ତି, ଫୋନ ଟାୱାର ନିର୍ମାଣ ଓ କାର୍ଯ୍ୟକ୍ଷମ, ପାନୀୟ ଜଳ ସମସ୍ୟା, କେନ୍ଦୁପତ୍ର ଫଡି , ପୋଖରୀ, କୋଠଘର, ସ୍ୱଚ୍ଛ ଭାରତ ପାଇଖାନା, ଆବାସ ଯୋଜନା , ଜଙ୍ଗଲଜମି ପଟ୍ଟା ପ୍ରଦାନ, ଜମିକୁ ଜଳସେଚନ ବ୍ୟବସ୍ଥା , ବଡଶିଲିଙ୍ଗାରେ ଏକ ଆମ୍ବୁଲାନ୍ସ ବ୍ୟବସ୍ଥା ପରି ବିଭିନ୍ନ ସମସ୍ୟା ସମାଧାନ ସହ ବନ୍ୟପ୍ରାଣୀ ବିଭାଗ ତରଫରୁ ବିଭିନ୍ନ ଗ୍ରାମକୁ ନିର୍ମାଣ ହୋଇଥିବା ମାଟି ରାସ୍ତାର ଭିଜିଲାନ୍ସ ତଦନ୍ତ ସହ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ବଦଳି ଦାବି କରାଯାଇଛି । ତେବେ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଉପ ସଭାପତି ନିରଞ୍ଜନ ଦାସ, ଜିଲା ସଭାନେତ୍ରୀ କନକଲତା ପ୍ରଧାନ, ରାଜ୍ୟ ଯୁଥ ସଭାନେତ୍ରୀ ସୁନିତା ପଟ୍ଟନାୟକ, ବଡଶିଲିଙ୍ଗା ସରପଞ୍ଚ ସସ୍ମିତା ସାହୁ, ସମିତି ସଭ୍ୟା ଜାନକୀ ଦେହୁରୀ ପ୍ରମୁଖ ଏହି ଗଣଧାରଣାର ନେତୃତ୍ୱ ନେଇଥିଲେ । ଗଣିଆ ବିଡିଓ ସାଗର କୁମାର ନନ୍ଦ, ତହସିଲଦାର ପ୍ରୀତିବାଳା ରଣା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ଦାଶ, ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଏସିଏଫ୍ ଦେବୀ ପ୍ରସାଦ ରାଉତ ଧାରଣା ସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା ସୂଚନା ମିଳିଛି । ତେବେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଜାରି ରହିବ ବୋଲି ଭାରତୀୟ ବିକାଶ ପରିଷଦର ଉପ ସଭାପତି ନିରଞ୍ଜନ ଦାସ ସୂଚନା ଦେଇଛନ୍ତି ।


ଭାରତୀୟ ବିକାଶ ପରିଷଦ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଏନ୍‌ଏସିର ବିକାଶ ପାଇଁ କର୍ମଶାଳା

କବିସୂର୍ଯ୍ୟନଗର,୬।୫(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍‌ଏସି ବୈଠକ ଗୃହରେ ମଙ୍ଗଳବାର ମାର୍ଶ ସଂସ୍ଥା ସହାୟତାରେ ସହରାଞ୍ଚଳର ବିକାଶ ଓ ଏହାକୁ ସୁନ୍ଦର କରିବା ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମାର୍ଶ ସଂସ୍ଥାର ମୁଖ୍ୟ ରଞ୍ଜନ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଏନଏସି ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଏନଏସି ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ । ସମସ୍ତ କାଉନସିଲରଙ୍କ ସମେତ ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ତୁଡା କ୍ଲର୍କ, ମାର୍ଶ କର୍ମଚାରୀ ଓ ସମସ୍ତ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ସହରର ବିଭିନ୍ନ ଆବଶ୍ୟକତା, ସମସ୍ୟା ଉପରେ ଆଲୋଚନା ହେବା ସହ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଥିଲା। ରଞ୍ଜନ ମଲ୍ଲିକ ଟାଉନ ପ୍ଲାନିଂ ଉପରେ ବିବରଣୀ ଦେଇଥିଲେ। ପରେ ସହରର ରାସ୍ତା ସମ୍ପ୍ରସାରଣ, ବସଷ୍ଟପ, ପାନୀୟ ଜଳ, ଭେଣ୍ଡିଂ ଜୋନ କାର୍ଯ୍ୟକ୍ଷମ ଆଦି କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା।

# ଶୃଙ୍ଖଳିତ ଚନ୍ଦନ ଯାତ୍ରା ନିମନ୍ତେ କମିଟି ଗଠନ

ଖଣ୍ଡପଡ଼ା,୬।୫(ଅଜୟ କୁମାର ମହାରଣା) ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋରେ ବିରାଜିତ ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ଚାପ ଗତ ଅକ୍ଷୟତୃତୀୟା ଠାରୁ ଆରମ୍ଭ ହୋଇଛି । ୨୧ ଦିନ ବ୍ୟାପୀ ଅନୁଷ୍ଠିତ ଏହି ପାରମ୍ପରିକ ରୀତି ନୀତିକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ଏକ ଚନ୍ଦନ ଯାତ୍ରା କମିଟି ଗଠନ କରାଯାଇଛି । ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ବିଶୃତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚନ୍ଦନ ଯାତ୍ରା କିପରି ଶୃଙ୍ଖଳିତ ଭାବେ ଶେଷ ହେବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ଗଠନ କରାଯାଇଥିବା ଏକ କମିଟିର ସଭାପତି ଭାବେ ତହସିଲଦାର ତ୍ରିପାଠୀ ଓ ଅନ୍ୟମାନଙ୍କ ମଧ୍ୟରେ ନୀଳମାଧବ ପୂଜକ ସମାଜର ସଭାପତି ମନୋଜ କୁମାର ମିଶ୍ର, ସମ୍ପାଦକ ହୃଷିକେଶ ମିଶ୍ର, ସେବାସୀ ନିହାର ରଞ୍ଜନ ମିଶ୍ର, ପ୍ରମୋଦ ଦଳେଇ, ଦୟାନିଧି ବେହେରା, ଉଦ୍ୟନାଥ ମହାକୁଡ଼ ଓ ଅଶୋକ କୁମାର ବାରିକ ପ୍ରମୁଖଙ୍କୁ ଚୟନ କରାଯାଇଛି । ଆସନ୍ତା ୧୦ରୁ ୨୧ ତାରିଖ ପର୍ଯ୍ୟନ୍ତ ଠାକୁରଙ୍କ ଚାଚେରୀ ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଏହାର ସୁବ୍ୟବସ୍ଥା ନିମନ୍ତେ ବୁଧବାର ଅପରାହ୍ନ ୫ଟାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ସୁତ୍ରରୁ ପ୍ରକାଶ ।

# ସୁଧୁରିଲା ଜଳଛତ୍ର ଅବ୍ୟବସ୍ଥା

ଗଞ୍ଜାମ,୬।୫(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍‌ଏସିରେ ଜଳଛତ୍ର ଅବ୍ୟବସ୍ଥା ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ଦେଖାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅପର୍ଣ୍ଣା ଡାଙ୍ଗୁଆ ଏବଂ ଗୋଷ୍ଠୀ ସଙ୍ଗଠିକା ଅଞ୍ଜଳି ପାଢ଼ୀ ପ୍ରମୁଖ ସହରର ବିଭିନ୍ନ ସ୍ଥାନରେ ଥିବା ଜଳଛତ୍ର କେନ୍ଦ୍ରକୁ ଯାଇ ଠିକ ଭାବେ ପାଣି ବଣ୍ଟନ କରିବାକୁ ପରାମର୍ଶ ଦେଇଥିଲେ । ଏଥିସହ ବିଭିନ୍ନ ଏସଏଚଜି ଗ୍ରୁପ ସହ ଆଲୋଚନା କରିଥିଲେ। ଫଳରେ ବର୍ତ୍ତମାନ ଜଳଛତ୍ରଗୁଡିକରେ ପାଣି ବଣ୍ଟନ ବ୍ୟବସ୍ଥିତ ହୋଇଥିବା ଜଣାପଡିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ କାମରେ ବାହାରୁ ଆସୁଥିବା ଲୋକଙ୍କ ସୁବିଧା ପାଇଁ ଗଞ୍ଜାମ ଏନ୍‌ଏସି ପକ୍ଷରୁ ତ୍ରିବେଣୀ ମଠ ଛକ, ଷ୍ଟେଟ ବ୍ଯାଙ୍କ ଛକ ଏବଂ ଦାମଦୋରପୁର ଯାତ୍ରୀ ବିଶ୍ରାମ ଗାର ଠାରେ ଜଳଛତ୍ର ଖୋଲାଯାଇଛି।

# ବ୍ରାହ୍ମଣୀଗାଁ ଭାଜପା ମଣ୍ଡଳ ସଭାପତି ହେଲେ ଗଣେଶ

ଦାରିଙ୍ଗବାଡି,୬।୫ (ଅରୁଣ ସାହୁ):

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଭାଜପାର ମଣ୍ଡଳ ସଭାପତି ଭାବେ ଗଣେଶ ଡାକୁଆଙ୍କୁ ଦଳ ନିଯୁକ୍ତି ଦେଇଛି। ରାଜ୍ୟ ପରିଷଦର ସଦସ୍ୟ ସୁକାନ୍ତ କୁମାର ସାହୁ ଓରଫ ଟୁଟୁ ସାହୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜିଲାର ୨୧ଟି ମଣ୍ଡଳ ରହିଥିବା ବେଳେ ୧୯ଟି ମଣ୍ଡଳର ସଭାପତି ଚୟନ କରାଯାଇଥିଲା। କେବଳ କୋଟଗଡ ଏବଂ ବ୍ରାହ୍ମଣୀଗାଁ ମଣ୍ଡଳ ସଭାପତି ଚୟନ ଅଟକି ରହିଥିଲା। ମଙ୍ଗଳବାର ଭାଜପାର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାର ଘୋଷଣା କରି କନ୍ଧମାଳ ଜିଲା ନିର୍ବାଚନ ଅଧିକାରୀଙ୍କୁ ଚିଠି ପଠାଇଛନ୍ତି। ବ୍ରହ୍ମଣୀଗାଁ ମଣ୍ଡଳର ସଭାପତି ଦାୟିତ୍ୱ ମିଳିବା ପରେ ଗଣେଶ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବ୍ରାହ୍ମଣୀଗାଁ ମଣ୍ଡଳରେ ସଂଗଠନକୁ ଆହୁରି ମଜବୁତ କରିବାକୁ କାର୍ଯ୍ୟ କରିବି। ସେ ଭାଜପାର ସମସ୍ତ ରାଜ୍ୟ ଓ ଜିଲା କର୍ମକର୍ତ୍ତା ଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଆରମ୍ଭ

ଛତ୍ରପୁର,୬।୫(ଦିଲ୍ଲୀପ ସାମଲ):

